ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୦, ଭୁବନେଶ୍ୱର: ଅଗଷ୍ଟ ୦୪-୧୦, ୨୦୨୫ Vol-16, Issue-30, Bhubaneswar : August 04-10, 2025

RNI NO.ODIODI/2010/33715

## ସଂଶୋଧିତ ହେବ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି

ଭୁବନେଶ୍ୱର: ସଂଶୋଧନ ହେବ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬। ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି - ୨୦୧୬ ଅଧୀନରେ ବ୍ୟବସ୍ଥାକୁ ଓଡ଼ିଶା ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି - ୨୦୨୨ର ଅନୁରୂପ ବ୍ୟବସ୍ଥା ସହିତ ସମାନ କରାଯିବ।

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କହିଛନ୍ତି, ପୂର୍ବରୁ, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରୋତ୍ସାହନ ଆବେଦନଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ଯଥା: ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସବ୍ ଏସ୍‌ଡିଏଲ୍‌ସି (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ଇସି (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। ଏହି ସଂଶୋଧନ ସହିତ, ଏବେ କମିଟିଗୁଡ଼ିକ ଯଥା: ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଡିଏଲ୍‌ସି (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ସି (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଓ ଯନ୍ତ୍ରପାତିରେ ନିବେଶ)। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପ୍ରଦାନ କରିବା ପାଇଁ ଥିବା ପ୍ରକ୍ରିୟାକୁ ସରଳ କରିବ। ଫଳରେ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି।

## ପାଞ୍ଚ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା-୩.୦କୁ ମଞ୍ଜୁରୀ

ଭୁବନେଶ୍ୱର: 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା -୩.୦କୁ ମଞ୍ଜୁରୀ ମିଳିଛି। ଆଗାମୀ ପାଞ୍ଚ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ବର୍ଷ ପର୍ଯ୍ୟନ୍ତ ୨୭୩୮କୋଟି ଟଙ୍କା ଅନୁମୋଦନ ହୋଇଛି। ଏହି ଯୋଜନା ଦ୍ୱାରା ୫୭,୫୨୫ ହେକ୍ଟର୍ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ସହିତ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା ଯୋଗାଇ ଦିଆଯିବ। ଏହି ଯୋଜନା ଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡ଼ିକୁ ପାନୀୟଜଳ ଯୋଗାଇବା, ଭୂତଳ ଜଳ ପୁନଃଭରଣ ତଥା ଖରିଫ୍ ଜଳସେଚନକୁ ବୃଦ୍ଧି କରାଯାଇପାରିବ। ସେହିପରି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ ସଂଶୋଧନ ହେବ। ଏହି ବ୍ୟବସ୍ଥାକୁ ସରଳ କରିବା ସହ କରଦାତା ଓ କର ପ୍ରଶାସକଙ୍କୁ କେତେକ ସୁବିଧା ପ୍ରଦାନ କରାଯିବ। ଏଥିସମ୍ପର୍କିତ ପ୍ରସ୍ତାବରେ ରାଜ୍ୟ କ୍ୟାବିନେଟ୍ ମୋହର ବାଜିଛି।



ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ୨୩ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ, କ୍ୟାବିନେଟ୍ ବୈଠକରେ ମୋଟ୍ ଚାରି ବିଭାଗର ୫ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ଜଳସମ୍ପଦ ବିଭାଗର ଗୋଟଏ, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗର ଗୋଟିଏ, ବିଧି (ଆଇନ) ବିଭାଗର ଦୁଇଟି ଏବଂ ଅର୍ଥ ବିଭାଗର ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା। ମୁଖ୍ୟ ଶାସନ ସଚିବ କହିଥିଲେ, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରୀ ଯୋଜନା - ୩.୦କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ୩୩୧୩ଟି କରି ନୂତନ ଆଡ଼ିବନ୍ଧ ଦ୍ୱାରା ଜଳସେଚିତ ଜମିରେ ସୁନିଶ୍ଚିତ ନୂତନ ଜଳସେଚନ ବ୍ୟବସ୍ଥା ହେବ। ସେହିପରି ଅଚଳ ଆଡ଼ିବନ୍ଧ ନିର୍ମାଣ ଅବସ୍ଥାରେ ଥିବା ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର ଦ୍ୱାରା ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ନିମନ୍ତେ ମଧ୍ୟ ସରକାର ଯୋଜନା କରିଛନ୍ତି।

ମୁଖ୍ୟ ସଚିବ କହିଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତା-୨୦୨୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ ନାମକ ନୂତନ ଦଣ୍ଡ ସମ୍ବନ୍ଧୀୟ ଆଇନଗୁଡ଼ିକର ଘୋଷଣା ପରେ, ଓଡ଼ିଶା ଜିଲ୍ଲା ଏବଂ ସିଭିଲ୍ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ର ସଂଶୋଧନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି ଅଧୀନସ୍ଥ ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ାଇବା। ଏହି ପଦକ୍ଷେପ ଦ୍ୱାରା ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନ ଭାବରେ ଚାଲିପାରିବ ଏବଂ ଲୋକମାନେ ତ୍ୱରିତ ଭାବରେ ନ୍ୟାୟ ପାଇପାରିବେ।

## 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର : ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ସିନେମାରେ ଅବଦାନ ପାଇଁ ବିଭିନ୍ନ ବର୍ଗରେ ପୁରସ୍କାର ଘୋଷଣା କରାଯାଇଛି। ଶାହରୁଖ ଖାନ୍, ରାଣୀ ମୁଖାର୍ଜୀ ଏବଂ ବିକ୍ରାନ୍ତ ମାସେଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ସହ 'ପୁଷ୍କରା' ଏବଂ 'ହନୁମାନ' ଭଳି ଆଞ୍ଚଳିକ ଚଳଚ୍ଚିତ୍ରକୁ ଜାତୀୟ ଫିଲ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

ଓଡ଼ିଆ ସିନେ ଜଗତକୁ ମିଳିଛି ବଡ଼ ଉପହାର। ସବ୍ୟସାଚୀ ମିଶ୍ର ଅଭିନୀତ 'ପୁଷ୍କରା'କୁ ମିଳିଛି ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର। ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ତରଙ୍ଗ ସିନେ ପ୍ରଡକ୍‌ସନ୍‌ର ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ବହୁ ପ୍ରଶଂସା ସାଉଁଟିଥିଲା। ତରଙ୍ଗ ସିନେ ପ୍ରଡକ୍ସନ୍ ବ୍ୟାନର୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀ ମିଶ୍ର ଓ ସୁପ୍ରିୟା ନାୟକ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଥିଲେ। ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ




ମହାନ୍ତି, ପିଣ୍ଟୁ ନନ୍ଦ, ଅଳକା ଶତପଥୀ ଆଦି କଳାକାର ଏଥିରେ ଅଭିନୟ କରିଥିଲେ। ତରଙ୍ଗ ସିନେ ପ୍ରଡକ୍‌ସନ୍ସ ବ୍ୟାନର୍‌ରେ ପ୍ରସ୍ତୁତ ଏହି ଫିଲ୍ମର କଥାବସ୍ତୁ ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ଏହାର କାହାଣୀ ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ପର୍ଯ୍ୟବେସିତ। 'ପୁଷ୍କରା'ର ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି ଦେବୀଦତ୍ତ ମହାନ୍ତି। ସିନେମାଟୋଗ୍ରାଫର୍ ଶୁଭ୍ରାଂଶୁ ଦାଶ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି। ରମେଶ ବାରିକ ଏହାର ନିର୍ମାତା। ବିଭୂତି ଭୂଷଣ ଗଡ଼ନାୟକ ଏହାର ସଙ୍ଗୀତକାର୍। ପ୍ରତିଦିନ ମରଣକୁ ଛୁଇଁ ଅନ୍ୟର ପାପକୁ ନିଜ କାନ୍ଧରେ ବୋହି ମରିବାକୁ ନିଜ ବେଉସା କରିଥିବା ପୁଷ୍କରାର କାହାଣୀକୁ ଫିଲ୍ମରେ ଦେଖାଯାଇଥିଲା। ଫିଲ୍ମରେ ପ୍ରସିଦ୍ଧ ଲୋକଗୀତ 'ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ' ରହିଥିଲା। ଅନ୍ୟପକ୍ଷରେ ବଲିଉଡ୍ କିଙ୍ଗ ଶାହରୁଖ ଖାନ୍ ଓ ବିକ୍ରାନ୍ତ ମାସେ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। 'ଯବାନ' ପାଇଁ ଶାହରୁଖ ଓ '୧୨ୱାଷ ଫେଲ୍' ପାଇଁ ବିକ୍ରାନ୍ତଙ୍କୁ ଏହି ସଫଳତା ମିଳିଛି। ଉଭୟ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବିଧୁ ବିନୋଦ ଚୋପ୍ରା ପ୍ରଯୋଜିତ 'ଟୁୱେଲ୍‌ଥ୍ ଫେଲ୍' ଶ୍ରେଷ୍ଠ ଫିଚର୍ ଫିଲ୍ମର ମାନ୍ୟତା ପାଇଛି। ଆଇପିଏସ୍ ମନୋଜ ଶର୍ମାଙ୍କ ସଂଘର୍ଷମୟ ଯାତ୍ରାକୁ ନେଇ 'ଟୁୱେଲ୍‌ଥ୍ ଫେଲ୍' ଫିଲ୍ମ ତିଆରି ହୋଇଥିଲା। ସେହିପରି 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି। 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଫିଲ୍ମ ପାଇଁ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଁ ଚୟନ କରାଯାଇଛି।

## ସରକାରୀ ଅଫିସ୍‌ରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ମନା

**ଭୁବନେଶ୍ୱର:** ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ଦୂଷଣ ରୋକିବା ପାଇଁ ଓଡ଼ିଶା ସରକାର ସରକାରୀ ଅଫିସ୍‌ଗୁଡ଼ିକରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଡ଼ା କଟକଣା ଲଗାଯାଇଛି। ଏହି ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ରାଜ୍ୟର ସମସ୍ତ ବିଭାଗୀୟ ସଚିବଙ୍କୁ ଏକ ଚିଠି ଜାରି କରି ନିର୍ଦ୍ଦେଶ ଦେଇଛନ୍ତି। ଚିଠି ଅନୁସାରେ, ସରକାରୀ ବୈଠକ, ସଭା, ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଜାତୀୟ ସାମଗ୍ରୀ ଯଥା ପ୍ଲାଷ୍ଟିକ୍ ଜରି ଲାଗିଥିବା ଫୁଲତୋଡ଼ା, ପ୍ଲାଷ୍ଟିକ୍ ଉପହାର, ଖାଦ୍ୟ ପୁଡ଼ିଆ, ପ୍ଲେଟ୍ ଆଦି ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହା ସହିତ, ସରକାରୀ ଅଫିସ୍‌ଗୁଡ଼ିକରେ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ବନ୍ଦ କରି ବିକଳ୍ପ ଭାବେ କାଚ, ଷ୍ଟିଲ୍ କିମ୍ବା ଅନ୍ୟ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ରାଜ୍ୟରେ ପ୍ଲାଷ୍ଟିକ ଦୂଷଣ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ନିଆଯାଇଛି। ଓଡ଼ିଶା ସରକାର ପୂର୍ବରୁ ମଧ ୨୦୧୮ରେ ସହରାଞ୍ଚଳରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଇଥିଲେ, ଏବଂ ଏବେ ଏହି ନିର୍ଦ୍ଦେଶ ସରକାରୀ ଅଫିସ୍‌ଗୁଡ଼ିକରେ କଡ଼ାକଡ଼ି ପାଳନ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

### ତେଜସ୍ୱିନୀ ବିଶେଷ ଦୃଷ୍ଟି ଆକର୍ଷଣ

- ରଥ୍ୱାଙ୍ଗଲା
- ରାମଟେକ ମନ୍ଦିର
- ସାଧବବୋହୂ
- ନିଆରା ଛଡା

# ଜାତିଭିତ୍ତିକ ଜନଗଣନା: ଆଶା ଓ ସଂଶୟ

କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଏକ ଅପ୍ରତ୍ୟାଶିତ ଘୋଷଣା । କାରଣ ପୂର୍ବରୁ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ । ଏପରି ପରିସ୍ଥିତିରେ ହଠାତ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି । ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକେ ଏହାକୁ ସମର୍ଥନ କରୁନାହାନ୍ତି । ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୋଧରେ କହୁଥିଲେ ସେମାନେ ଏବେ ଚୁପ । ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା । ଏବେ ଏ ଘୋଷଣାକୁ ବିରୋଧୀ ମେଣ୍ଟ ମଧ୍ୟ ସ୍ୱାଗତ କରିଛି । ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୁତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ । ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ । ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ । ଫଳରେ ବିକାଶର ଦୌଡ଼ରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡ଼ିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ । ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ । ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ । ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି । ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ । ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ । ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଏବଂ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ । କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧିତ୍ ପାଇଁ ପଦକ୍ଷେପ ନିଆଯାଇପାରିବ ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି । ଅର୍ଥାତ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ ତାହାର ହିସାବ ମିଳୁଛି । କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରି, ତାହାର ପରିସଂଖ୍ୟାନ ନାହିଁ । ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ । ବଡ଼କଥା ହେଉଛି ଏସ୍‌ଟି ଓ ଏସ୍‌ସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କ'ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ । ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିଗୁଡ଼ିକ ମଧ୍ୟରେ ବିକାଶର ତାରତମ୍ୟ ରହିଛି । କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଆଉ କେତେକ ଜାତି ପୂର୍ବବତ ତଳେ ପଡ଼ିଛନ୍ତି । ତେଣୁ ତଳେ ପଡିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ । ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି । କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ । ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ । ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ । ସାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ'ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରି କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ । ଦେଶରେ ଶେଷ ଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶରାଜ ସମୟରେ ୧୯୩୧ ମସିହାରେ । ଏହା ପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ । ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇଥିଲେ । କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେସ୍‌ରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାନ୍ତି । ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି । ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡ଼ିଛି । ଏହା ବାଦ୍ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରି କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ । ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି । ଏମାନଙ୍କ ମତରେ ଏକ ବିଷମ ସମାଜ କେବେ ବି କ୍ଷୀପ୍ର ବେଗରେ ଆଗେଇ ପାରିବ ନାହିଁ । ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସମାନତା, ସ୍ୱତନ୍ତ୍ରତା, ଭ୍ରାତୃବିବାଦ ଓ ନ୍ୟାୟ ହୋଇଛି ଗଣତନ୍ତ୍ରର ଆଭୂଷଣ । ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ । ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ । ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ । ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ । ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇପାରିବ । ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢ଼ାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ । ବେଳେବେଳେ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ, ଓବିସି, ଏସଟିଓ ଏସ୍‌ସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ । ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୂନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି । ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ । ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ । ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ । ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ । ବାସ୍ତବରେ ଏପରି ସଂଶୟ ଅମୂଳକ । ଭାରତ ଭାଇଚାରାର ଦେଶ । ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ । ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ । ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗୀଦାରି କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା । ଏପରି ମହତ ପଦକ୍ଷେପକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ ।

# ବାଣିଜ୍ୟ ଓ ଚାଇନାର ହିନ୍ଦୁ ମନ୍ଦିର

ଭାରତରୁ ଚାଇନା ପର୍ଯ୍ୟନ୍ତ ଦୀର୍ଘ ବାଣିଜ୍ୟିକ ପଥର ବିକାଶ ଯୋଗୁ ଚାଇନାରେ ହିନ୍ଦୁଧର୍ମର ପ୍ରତୀକ ବା ମୂର୍ତ୍ତି ଥିବା ମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇଥିଲା । ଚାଇନାର ଫୁଜିଆନ ଅଞ୍ଚଳର କ୍ୱାନ୍‌ଝୌ ସହରରେ ଏକ ବୌଦ୍ଧ ମନ୍ଦିର ଅଛି, ଯାହାର ନିଅଁ ଉପରଭାଗରୁ ଆରମ୍ଭକରି ସ୍ତମ୍ଭଗୁଡ଼ିକରେ ହିନ୍ଦୁଧର୍ମର ପ୍ରତୀକ ଓ ମୂର୍ତ୍ତିସବୁ ରହିଛି । ଏଗୁଡ଼ିକ ସୂଚିତ କରେ ଯେ, ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ବାଣିଜ୍ୟିକ ସମ୍ପର୍କ ଥିଲା । ସେତେବେଳର ଏହି ବାଣିଜ୍ୟ ଭାରତର ପଶ୍ଚିମ ଉପକୂଳରୁ ମାଲାକା ଷ୍ଟ୍ରେଟ୍ (ସିଙ୍ଗାପୋର) ବାଟ ଦେଇ ସମୁଦ୍ରପଥରେ ଚାଲିଥିଲା । ମନ୍ଦିରରେ ଥିବା ପ୍ରତୀକ ଓ ମୂର୍ତ୍ତିଗୁଡ଼ିକ ମଧ୍ୟରେ ସିଂହ ଅଛି, ଯାହାର ସମ୍ପର୍କ ଦକ୍ଷିଣ ଭାରତ କିମ୍ବା ଚାଇନା ସହ ନ ଥିଲା । ସିଂହ ଭାରତ ଓ ଚାଇନା ରାଜବଂଶର ପ୍ରତୀକ ହୋଇଥିଲା ଏବଂ ସିଂହ ନାଁକୁ ଶ୍ରୀଲଙ୍କା(ସିଂହଳ) ଏବଂ ସିଙ୍ଗାପୁର (ସିଂହପୁରା, ସିଂହର ସହର)ର ଲୋକେ ଗ୍ରହଣ କରିଥିଲେ । ବିଭିନ୍ନ ବିଷୟ ଏବଂ ବିଚାରସବୁ କିଭଳି ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ହେଉଥିଲା ତାହା ଏଥିରୁ ଜଣାପଡୁଛି ।

ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ, ବୁଦ୍ଧଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ଜଣେ ବ୍ୟବସାୟୀ ଜମିଦାରଙ୍କୁ ଜମି ଖଣ୍ଡେ ମାଗିଲେ । ଜମିଦାର ଜମି ଦେବାକୁ ପ୍ରସ୍ତୁତ ନ ଥିଲେ ଏବଂ କହିଲେ, ଯଦି ତାଙ୍କ ବଗିଚାରେ ମୁଲ୍‌ବେରି ଗଛରେ ଧଳା ପଦ୍ମଫୁଲ ଫୁଟିବ, ତେବେ ସେ ଜମି ଦେବେ । ବାସ୍ତବରେ ତାହା ହିଁ ଘଟିଥିଲା । ପରେ ଜମିଦାର ବୌଦ୍ଧ ସନ୍ନ୍ୟାସୀଙ୍କୁ ଜମି ଦେଇଥିଲେ ଏବଂ ମନ୍ଦିର ନିର୍ମାଣ ହୋଇଥିଲା । ପରେ ଏହା ଏମିତି ଏକ ସ୍ଥାନ ହୋଇଗଲା, ଯେଉଁଠାରେ ବିଭିନ୍ନ ବୌଦ୍ଧ ଏବଂ ହିନ୍ଦୁ ସମ୍ପ୍ରଦାୟର ବ୍ୟବସାୟୀ ଓ ସନ୍ନ୍ୟାସୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମନ୍ଦିର ନିର୍ମାଣ କରାଯାଇଥିଲା । ଫଳରେ ଏବେ ମଧ୍ୟ ସେଠାରେ ପ୍ରତିଷ୍ଠିତ ଏକ ବିରାଟକାୟ ଶିବଲିଙ୍ଗ ଉପରେ ଶିବଙ୍କ ମୂର୍ତ୍ତି ଜଣେ ଦେଖିପାରିବେ, ଯାହାକୁ ଗୋଟିଏ ହାତୀ ପୂଜା କରୁଥିଲା । ସେଠାରେ ଆଉ ଏକ ଜଟାଧାରୀ ଶିବଙ୍କ ମୂର୍ତ୍ତି ଅଛି । ସେଠାରେ ଦକ୍ଷିଣ ଭାରତର ଶିବଭକ୍ତ ନିଆରା ବ୍ୟାଘ୍ରପଦୀ ନରସିଂହ ମୂର୍ତ୍ତି ଅଛି, ଯାହା ପୁରୁଷବ୍ରିଘ (ବ୍ୟାଘ୍ରପଦ) ଭାବେ ଜଣାଶୁଣା । ସେଠାରେ ଥିବା ପାର୍ବତୀ ମୂର୍ତ୍ତିଙ୍କ ପାଦତଳେ ଜଣେ ରାକ୍ଷସ ବସିଥିବା ଦେଖିବାକୁ ମିଳେ । ଏହାକୁ ସ୍ଥାନୀୟ ଲୋକେ ପୂଜା କରିଥାନ୍ତି ଏବଂ ଚାଇନାର ପରମ୍ପରାରେ ଥିବା କରୁଣାମୟୀ ମହିଳା ବୋଧିସତ୍ତ୍ୱ ଗୁଆନ ୟିନ୍‌ଙ୍କ ସ୍ୱରୂପ ବୋଲି ସେମାନେ ବିଶ୍ୱାସ କରନ୍ତି । ଶିବଲିଙ୍ଗ ଭଳି ଏକ ସ୍ତମ୍ଭ ସେଠାରେ ଶୋଭାପାଉଛି, ଯାହାକୁ ସେଠାକାର ଲୋକେ ପଥର, ବାଉଁଶ କରଡ଼ି ବା ଗଜା ବୋଲି ଭାବନ୍ତି । କିନ୍ତୁ ତାହା ସମ୍ଭବତଃ ଏକ ଶିବଲିଙ୍ଗ ।

ଭାରତରୁ ଚାଇନାକୁ ସଂଯୋଗ କରୁଥିବା ପୁରାତନ ବାଣିଜ୍ୟ ପଥଗୁଡ଼ିକ ସ୍ଥଳପଥରେ ଥିଲା । ଏସବୁ କେନ୍ଦ୍ର ଏସିଆ ଦେଇ ଯାଇଥିଲା । ପରେ ମୌସୁମୀ ପ୍ରବାହକୁ ଦେଖି ସମୁଦ୍ରପଥକୁ ବାଣିଜ୍ୟ ପାଇଁ ଅଗ୍ରାଧିକାର ଦିଆଯାଇଥିଲା ।

ସର୍ବପୁରାତନ ରାମାୟଣ ପାଣ୍ଡୁଲିପିରେ ଚାଇନା ସମ୍ପର୍କରେ ସୂଚିତ କରାଯାଇ ନାହିଁ । କିନ୍ତୁ ପୁରାତନ ମହାଭାରତ ଗ୍ରନ୍ଥରେ ଏ ସମ୍ପର୍କରେ ଦର୍ଶାଯାଇଛି । ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦ ପାଖାପାଖିରେ କେନ୍ଦ୍ର ଏସିଆର ଜନଜାତି ଲୋକଙ୍କ ମାଧ୍ୟମରେ ଚାଇନା ପ୍ରଥମେ ପରୋକ୍ଷରେ ଏବଂ ପରେ ଖ୍ରୀଷ୍ଟାବ୍ଦ ୨୦୦ ବେଳକୁ ସିଧାସଳଖ ଭାରତ ସହ ସମ୍ପର୍କ ସ୍ଥାପନ କରିଥିଲା । ଏହା ହାନ୍ ବଂଶର ରାଜତ୍ୱ ସମୟ (ଖ୍ରୀଷ୍ଟପୂର୍ବ ୨୦୦-ଖ୍ରୀଷ୍ଟାବ୍ଦ ୨୦୦)ରେ ହୋଇଥିଲା ଏବଂ ସେତେବେଳେ ଚାଇନା ସଂଗଠିତ ହୋଇ ରହିଥିଲା । ସେହି ସମୟରେ ଭାରତକୁ ଶେନ୍ଦୁ(ସିନ୍ଧୁରୁ ଆସିଛି) ଏବଂ ଟିଆନ୍‌ଝୁ(ସ୍ୱର୍ଗର ବାଉଁଶ ଜଙ୍ଗଲ, ବୌଦ୍ଧଧର୍ମରେ ବେଣୁବନ) କୁହାଯାଉଥିଲା । ଲୋକେ ବୌଦ୍ଧଧର୍ମକୁ ଅଧିକ ଗ୍ରହଣ କରୁଥିଲେ, କାରଣ ଯେଉଁ ସମୟରେ ଚାଇନା ଗୃହଯୁଦ୍ଧରେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା, ସେହି ସମୟରେ ଏହା ପରିସ୍ଥିତିକୁ ଶାନ୍ତ କରିଥିଲା ।

ଟାଙ୍ଗ ସାମ୍ରାଜ୍ୟ ସମୟ (ଖ୍ରୀଷ୍ଟାବ୍ଦ ୬୦୦ରୁ ୯୦୦)ରେ ଯେତେବେଳେ ଚାଇନାର ଏକତ୍ରୀକରଣ ହେଲା ସେତେବେଳେ ଭାରତରୁ ଚାଇନାର ଲୋକେ ବୌଦ୍ଧଗ୍ରନ୍ଥ ଓ ବୌଦ୍ଧଧର୍ମର ଅବଶେଷାଂଶ ନେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ । ସେହି ସମୟରେ ସଂସ୍କୃତରେ ରଚିତ ବୌଦ୍ଧଧର୍ମର ବିଚାର ବା ନୀତିବାଣୀକୁ ଚାଇନିଜ୍ ଭାଷାରେ ଅନୁବାଦ କରାଯାଇଥିଲା । ଏହା ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ଥିଲା । ଉଭୟ ଉଚ୍ଚାରଣ ଓ ଲେଖାରେ ଭାଷା ତଥା ଶବ୍ଦାର୍ଥ ସଂଯୋଜନା ମୌଳିକ ରୂପେ ଭିନ୍ନ ଥିଲା । କିନ୍ତୁ ଟାଙ୍ଗ ଶାସନର ଶେଷବେଳକୁ ଚାଇନାର ଦାର୍ଶନିକ କନ୍‌ଫୁସିଆନଙ୍କ ବିଚାର ଉପରେ ବିଶ୍ୱାସ ରଖିଥିବା ସ୍ଥାନୀୟ ବିଦ୍ୱାନ୍‌ମାନେ ବୌଦ୍ଧଧର୍ମ ଏବଂ ଦେହାବଶେଷ ପୂଜନ ଭଳି ପରମ୍ପରାର ଶତ୍ରୁ ପାଲଟିଗଲେ ।

ସଙ୍ଗ୍ ଶାସନ ସମୟ (୧୦୦୦-୧୩୦୦ ଶତାବ୍ଦୀ)ରେ ଚାଇନାକୁ ବୌଦ୍ଧଧର୍ମର କେନ୍ଦ୍ର ଭାବେ ଗଣାଯାଉଥିଲା । ଏହି ସମୟରେ ଭାରତରୁ ବୌଦ୍ଧଧର୍ମର ପ୍ରଭାବ ହ୍ରାସ ପାଇଥିଲା ଏବଂ ଅନେକେ ଚାଇନାକୁ ଚାଲିଯାଇଥିଲେ, ଯାହାକୁ ମୈତ୍ରେୟ ବୁଦ୍ଧ (ଭବିଷ୍ୟତର ବୁଦ୍ଧ), ମଞ୍ଜୁଶ୍ରୀ (ଜ୍ଞାନର ଦେବୀ ତଥା ଖଡ୍‌ଗଧାରୀ ବୋଧିସତ୍ତ୍ୱ), ଅମିତାଭ ବୁଦ୍ଧ (ପବିତ୍ର ଭୂମିର ମୁକ୍ତିଦାତା ବୁଦ୍ଧ)ଙ୍କ ଭୂମି ଭାବେ ଦେଖାଯାଉଥିଲା । ମଙ୍ଗୋଲୀୟ ସେନାର ଉତ୍‌ଥାନ ପରେ ଚାଇନାକୁ ଥିବା ପୁରାତନ ସ୍ଥଳପଥ ବିପଦପୂର୍ଣ୍ଣ ହୋଇଗଲା । ଏଣୁ ଚାଇନା ସହ ସମ୍ପର୍କ ରଖିବା ପାଇଁ ସ୍ଥଳପଥ ବଦଳରେ ସମୁଦ୍ରପଥକୁ ବଛାଯାଇଥିଲା । ଯେତେବେଳେ ତାମିଲାକାମର ଚୋଳ ରାଜତ୍ୱ ପ୍ରତିଷ୍ଠା ହେଲା, ସେତେବେଳେ ଇଣ୍ଡୋନେସିଆ ବାଟ ଦେଇ ଚାଇନାର ରାଜଦରବାର ସହ ଯୋଗାଯୋଗ ସ୍ଥାପନ କରାଯାଇଥିଲା ।

ମୌସୁମୀ ବାୟୁ ପ୍ରବାହର ସାହାଯ୍ୟ ନେଇ ନାବଗୁଡ଼ିକ ଆରବରୁ ବାହାରି ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିବା ପାଇଁ ପାଖାପାଖି ୩୦ ଦିନ ଲାଗିଯାଉଥିଲା । ଏହା ପରେ ନାବଗୁଡ଼ିକ ଭାରତର ପୂର୍ବ ଉପକୂଳରୁ ବାହାରି ମାଲାକା ଷ୍ଟ୍ରେଟରେ ପହଞ୍ଚିବାକୁ ଆଉ ୩୦ ଦିନ ଲାଗିଯାଉଥିଲା । ତା'ପରେ ଆଉ ୩୦ ଦିନରେ ଚାଇନାରେ ପହଞ୍ଚୁଥିଲା । ୧୦୦ ଦିନ କିମ୍ବା ପାଖାପାଖି ୩ରୁ ୪ ମାସ ମଧ୍ୟରେ ଜଣେ ଆରବରୁ ବାହାରି ସୁଦୂର ଚାଇନାରେ ପହଞ୍ଚାଯାଇ ପାରୁଥିଲା । ଏହା ଥିଲା ପ୍ରମୁଖ ବାଣିଜ୍ୟପଥ । ଯେତେବେଳେ ସ୍ଥଳପଥ ବନ୍ଦ ହୋଇଯାଇଥିଲା ସେତେବେଳେ ସମୁଦ୍ରପଥରେ ଆରବରୁ ଘୋଡ଼ା ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଚାଇନାକୁ ଯାଉଥିଲେ । ଏହା ବଦଳରେ ଚାଇନା ରେଶମ, ରୁପା, ଚା ଓ ଚାଇନାମାଟି ରପ୍ତାନି କରୁଥିଲା । ଭାରତୀୟ କପା ବଦଳରେ ଦକ୍ଷିଣ ପୂର୍ବ ଏସିଆରୁ ସୁନା ଆସୁଥିଲା । ଏହାସହ ସମୁଦ୍ରପଥରେ ମସଲା ଓ ସୁଗନ୍ଧିତ ଗଛର ଦିଆନିଆ ଚାଲିଥିଲା । ଏହା ଥିଲା ଏକ ବ୍ୟାପକ ବାଣିଜ୍ୟିକ ଯୋଗାଯୋଗର ମାଧ୍ୟମ । ଭାରତରେ ସେତେବେଳେ ଏକ ଶକ୍ତିଶାଳୀ ବଣିକ ସଂଘ ଥିଲା ଏବଂ ଏହି ବାଣିଜ୍ୟର ଅଧିକାଂଶ ଭାଗକୁ ନିୟନ୍ତ୍ରଣ କରୁଥିଲା । ଏହି ବାଣିଜ୍ୟ ରାଷ୍ଟ୍ରକୂଟ ସାମ୍ରାଜ୍ୟକୁ ସମୃଦ୍ଧ କରିଥିଲା, ଯାହା ପାଖାପାଖି ୮୦୦ ଶତାବ୍ଦୀରେ କର୍ନାଟକର ଅଧିକାଂଶ ଅଂଶରେ ଶାସନ କରୁଥିଲା । ଏହି ସମୟରେ ଭାରତରେ ଥିବା କେତେକ ବହୁ ପୁରାତନ ମନ୍ଦିର ଏବଂ ଦକ୍ଷିଣ ପୂର୍ବ ଚାଇନାରେ ଥିବା ଅନେକ ମନ୍ଦିରକୁ ଧନ ଯୋଗାଇ ଦିଆଯାଇଥିଲା ।

# ରାଖୀ ପୂର୍ଣ୍ଣିମାରେ ‘ସୁଭଦ୍ରା’ ତୃତୀୟ କିସ୍ତି

**ଭୁବନେଶ୍ୱର:** ଅଗଷ୍ଟ ୯ ତାରିଖ ରାଖୀ ପୂର୍ଣ୍ଣିମା ଦିନ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଟଙ୍କା। ତୃତୀୟ କିସ୍ତିରେ ପ୍ରାୟ ୧ କୋଟି ୨ ଲକ୍ଷ ୪୦ ହଜାର ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜୟପୁର ଗସ୍ତକରି ସୁଭଦ୍ରା ଟଙ୍କା ପ୍ରଦାନ କରିବେ। ସେହିପରି ଅଗଷ୍ଟ ୯ ପରେ ଖୋଲିବ ସୁଭଦ୍ରା ପୋର୍ଟାଲ୍। ରିଜେକ୍ଟ ହୋଇଥିବା ୨ ଲକ୍ଷ ଆବେଦନକାରୀଙ୍କ ପୁନର୍ବାର ସର୍ଭେହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ‘ଆସନ୍ତା ଅଗଷ୍ଟ ମାସ ୯ ତାରିଖରେ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ମିଳିବ। ତୃତୀୟ କିସ୍ତିରେ ପ୍ରାୟ ୧ କୋଟି ୨ ଲକ୍ଷ ୪୦ ହଜାର ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ ଆବେଦନ ରିଜେକ୍ଟ ହୋଇଛି। ପୂର୍ବରୁ ଏହି ସଂଖ୍ୟା ୧ ଲକ୍ଷ ୮୮ ହଜାର ଥିଲା। କାରଣ ପ୍ରଥମ କିସ୍ତିନେବା ପରେ କିଛି ହିତାଧିକାରୀ ଆୟକର ଦାଖଲ କରିଛନ୍ତି। ଆଉ କିଛି ଗାଡ଼ି କିଣିଛନ୍ତି ଏବଂ ୫ ଏକର ଜମି ଥିବା ତାଙ୍କ ନାଁ’ରେ ଆସିଛି। ଅଗଷ୍ଟ ୯ ତାରିଖ ପରେ ରିଜେକ୍ଟ ହୋଇଥିବା ୨ ଲକ୍ଷ ଆବେଦନକାରୀଙ୍କର ପୁନର୍ବାର ସର୍ଭେ ହେବ। ସର୍ଭେ ପରେ ଯେଉଁମାନେ ଯୋଗ୍ୟ ହେବେ ସେମାନେ ସୁଭଦ୍ରା ଟଙ୍କା ପାଇବେ। ତେବେ ‘ଯେଉଁମାନେ ରିଜେକ୍ଟ ହୋଇଛନ୍ତି ଓ କାରଣ କ’ଣ ତାହା ଆମ ପାଖରେ ଅଛି। ଜମି କ୍ଷେତ୍ରରେ ରାଜସ୍ୱ ବିଭାଗ, ଆୟକର ଦାଖଲ ଉପରେ ଆୟକର ବିଭାଗ ରିପୋର୍ଟ, ଗାଡି କିଣିଥିଲେ ପରିବହନ ବିଭାଗ ରିପୋର୍ଟ ଦରକାର। ଠିକା ନିଯୁକ୍ତି ଥିଲେ ମଧ୍ୟ ବେଳେବେଳେ ଏହା ସରକାରୀ ଚାକିରୀ ବୋଲି ପଡ଼ିଛି। ଏହାର ଫିଜିକାଲ୍ ଭେରିଫିକେସନ୍ ହେବ। ସମସ୍ୟା ଯୋଗୁଁ ଯଦି କେହି ରହିଯାଇଛନ୍ତି, ସେମାନେ ମନ ଦୁଃଖ କରିବାର ନାହିଁ। ଭେରିଫିକେସନ୍ ପରେ ଯୋଗ୍ୟ ବିବେଚିତ ହେଲେ, ବାକି ରହିଥିବା ସବୁ କିସ୍ତି ସେମାନେ ଏକାବେଳେ ପାଇଯିବେ। ଯଦି ରିଜେକ୍ଟ କାରଣ ସମୁଚିତ, ତାହାଲେ ଆଉ ସୁଭଦ୍ରା ଟଙ୍କା ମିଳିବ ନାହିଁ। ଅଗଷ୍ଟ ୯ ପରେ ସୁଭଦ୍ରା ପୋର୍ଟାଲ ଖୋଲା ହେବ। ଯେଉଁମାନଙ୍କ ବୟସ ୨୧ ହୋଇଯାଇଥିବ ସେମାନେ ସାମିଲ ହେବେ। ପାଖାପାଖି ୬୦ ହଜାରରୁ ଅଧିକ ମହିଳା ଯାହାଙ୍କୁ ୬୦ ବର୍ଷ ହୋଇଯାଇଛି ସେମାନଙ୍କୁ ସିଧାସଳଖ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା ଲାଗି ବ୍ୟବସ୍ଥା କରିଛୁ। ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବା ସହ ଭତ୍ତା ପାଇବେ। ସୁଭଦ୍ରା ଯୋଜନାରୁ ବଞ୍ଚିତ ହେବା ପରେ ସେମାନେ ଏଥିରେ ଯୋଡ଼ି ହୋଇଯିବେ। ତୃତୀୟ କିସ୍ତିର ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟର ଜୟପୁରରେ ଆୟୋଜନ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ଟଙ୍କା ପ୍ରଦାନ କରିବେ। କୋଟିଆରେ ଘରେ ଘରେ ସୁଭଦ୍ରା ଟଙ୍କା ପହଞ୍ଚିବ। ଏହା ପୂର୍ବରୁ କୋଟିଆ ଯାଇ ସୁଭଦ୍ରା ଏନ୍‌ରୋଲ୍‌ମେଣ୍ଟ ଚେକ୍ କରିବେ ଉପମୁଖ୍ୟମନ୍ତ୍ରୀ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ, ଗତବର୍ଷ ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନା ଆରମ୍ଭ ହୋଇଥିଲା। ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫ ହଜାର ଟଙ୍କା ଜମା ହୋଇଥିଲା। ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ଏହି ଯୋଜନାରେ ପ୍ରାୟ ୩୯ ଲକ୍ଷ ହିତାଧିକାରୀ ଉପକୃତ ହୋଇଥିଲେ।

# ଭାରତକୁ ଜୋର୍‌ଦାର୍ ଝଟ୍‌କା: ୨୫% ଶୁଳ୍କ ଲଗାଇଲା ଆମେରିକା



ୱାଶିଂଟନ/ନୂଆଦିଲ୍ଲୀ: ଆମେରିକା, ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛି। ଆମେରିକାର ଚେତାବନୀ ସତ୍ତ୍ୱେ ଭାରତ ରୁଷ୍‌ଠାରୁ ଅଶୋଧିତ ତୈଳ କିଣିବା ଜାରି ରଖିବା ଯୋଗୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଏ ପ୍ରକାର ବର୍ଦ୍ଧିତ ଶୁଳ୍କ ଲାଗୁ କରିଛନ୍ତି। ତେବେ ଏହି ବର୍ଦ୍ଧିତ ୨୫% ଶୁଳ୍କ ଅଗଷ୍ଟ ୧ରୁ ଆର୍ଥାତ୍ ଆଉ ମାତ୍ର ୨ ଦିନ ପରେ କାର୍ଯ୍ୟକାରୀ ହେବ। ଏହାର ଅର୍ଥ ଭାରତୀୟ ସାମଗ୍ରୀ ଏବେ ଆମେରିକା ବଜାରରେ ପ୍ରବେଶ କରିବା ପାଇଁ ଏହି ବର୍ଦ୍ଧିତ ଶୁଳ୍କର ସମ୍ମୁଖୀନ ହେବ। ଅନ୍ୟପକ୍ଷେ ଭାରତ ପକ୍ଷରୁ ଏହା ଉପରେ ପ୍ରତିକ୍ରିୟା ଦିଆଯାଇଛି। ଭାରତ ଦର୍ଶାଇଛି ଯେ, ଆମେରିକା ପକ୍ଷରୁ ଭୁଲ୍ ନୀତିଗତ ନିଷ୍ପତ୍ତି ନିଆଯାଇଛି। ତେବେ ଭାରତ ଏହାକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରୁଛି ଏବଂ ଜାତୀୟ ସ୍ୱାର୍ଥ ସୁରକ୍ଷା ଦିଗରେ ଯାହା ବି ମଙ୍ଗଳକାରୀ ହେବ ନିଷ୍ପତ୍ତି ନିଆଯିବ। ଭାରତ ପାଇଁ ଏହା ହିଁ ସର୍ବପ୍ରଥମ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମଣାନ୍ତ୍ରଳୟ ପ୍ରତିକ୍ରିୟା ଦେଇଛି। ତେବେ ଭାରତ ଉପରେ ଶୁଳ୍କ ଲଗାଇବାର ଅନ୍ୟତମ କାରଣ ରୁଷ୍ ସହ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି ବୋଲି ମଧ୍ୟ ଅନୁମାନ କରାଯାଉଛି। ଭାରତ ରୁଷ୍‌ଠାରୁ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ପେନାଲ୍ଟି (ଜୋରିମାନା) ବାବଦରେ ଆମେରିକା ଭାରତ ଉପରେ ଏପ୍ରକାର ବର୍ଦ୍ଧିତ ଶୁଳ୍କ ଲାଗୁ କରିଥିବା ଚର୍ଚ୍ଚା ହେଉଛି।

ପୂର୍ବରୁ, ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା। ଏହି ସମୟରେ ଆମେରିକା, ଭାରତକୁ ସିଧାସିଧା କହିଥିଲା ଯେ, ରୁଷ୍ ସହ ବ୍ୟବସାୟିକ କାରବାର ଯୋଗୁ ରୁଷ୍‌କୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଆର୍ଥିକ ବଳ ମିଳୁଛି। ସୁତରାଂ ଭାରତ ରୁଷ୍ ଠାରୁ ଅଶୋଧିତ ତୈଳ କିଣିବା ବନ୍ଦ କରିଦେବା ଉଚିତ୍ ନଚେତ୍ ଆମେରିକା ଭାରତ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁକରିବାକୁ ବାଧ୍ୟହେବ। ଭାରତ କିନ୍ତୁ ଏଦିଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ ରଖିବା ପରିପ୍ରେକ୍ଷୀରେ ରୁଷ୍‌ଠାରୁ ତୈଳ କ୍ରୟ ଜାରି ରଖିଥିଲା। ଅନ୍ୟପକ୍ଷେ ଭାରତୀୟ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ଭାରତ ନିଜ ଦେଶବାସୀଙ୍କ ସ୍ୱାର୍ଥରକ୍ଷା ଦିଗରେ ଯାହା ଉଚିତ୍ ସେଦିଗରେ କାମ କରୁଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ବିରକ୍ତି ପ୍ରକାଶ କରିଥିଲେ। ଫଳରେ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ସମ୍ଭବ ହୋଇପାରିନଥିଲା। ଏବେ ଆମେରିକା ପକ୍ଷରୁ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରାଯାଇଛି।

ଏସବୁ ମଧ୍ୟରେ ଟ୍ରମ୍ପ୍‌ଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି। ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଟ୍ରୁଥ୍‌ରେ ଉଲ୍ଲେଖ କରି ଟ୍ରମ୍ପ୍ ଲେଖିଛନ୍ତି, ଭାରତ ବର୍ଷବର୍ଷ ଧରି ରୁଷ୍ ଠାରୁ ତେଲ ଏବଂ ଅସ୍ତ୍ରଶସ୍ତ୍ର କିଣୁଛି। ତେଣୁ ଭାରତ ବିରୋଧରେ ଏପ୍ରକାର ଏକ କାର୍ଯ୍ୟାନୁଷ୍ଠାନ ଜରୁରି ଥିଲା। ଟ୍ରମ୍ପ୍ କହିଛନ୍ତି, ଆମେରିକୀୟ ସାମଗ୍ରୀ ପାଇଁ ଭାରତ ମାତ୍ରାଧିକ ଟିକସ ଗ୍ରହଣ କରିଥାଏ। ଭାରତୀୟ ଶୁଳ୍କ ବାଣିଜ୍ୟରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି କରିଥାଏ। ତେବେ ଆଜିର ପୋଷ୍ଟରେ ଟ୍ରମ୍ପ୍ ଭାରତକୁ ଆମେରିକାର ଏକ ବନ୍ଧୁ ରାଷ୍ଟ୍ର ଭାବେ ଅଭିହିତ କରିବା ଦେଖିବାକୁ ମିଳିଛି। ଟ୍ରମ୍ପ୍ ଲେଖିଛନ୍ତି, ଭାରତ ଆମ ବନ୍ଧୁ ରାଷ୍ଟ୍ର ହୋଇପାରେ, କିନ୍ତୁ ବର୍ଷ ବର୍ଷ ଧରି ଆମେ ସେମାନଙ୍କ ସହିତ ବହୁତ କମ୍ ବାଣିଜ୍ୟ କରିଛୁ। ଏହାର ଅର୍ଥ ହେଉଛି ଭାରତରେ ବ୍ୟବସାୟ କରିବା ବହୁତ କଷ୍ଟକର। ଟ୍ରମ୍ପ୍ ଲେଖିଛନ୍ତି, ଭାରତ ସବୁବେଳେ ନିଜର ଅଧିକାଂଶ ସାମରିକ ଉପକରଣ ରୁଷ୍ ଠାରୁ କିଣୁଛି । ଚୀନ୍ ପରେ ଭାରତ ରୁଷ୍‌ର ସବୁଠାରୁ ବଡ଼ ଶକ୍ତି କ୍ରେତା ସାଜିଛି। ଭାରତକୁ ଦଣ୍ଡିତ କରିବା ଜରୁରି ଥିଲା। ଏପରିକି ଟ୍ରମ୍ପ୍ ଭାରତକୁ ପୂର୍ବରୁ ବାଣିଜ୍ୟ ସମ୍ପର୍କର ସବୁଠୁ ବଡ଼ ଅପବ୍ୟବହାରକାରୀ, ଶୁଳ୍କ ରାଜା ଭାବେ ମଧ୍ୟ ଅଭିହିତ କରିସାରିଛନ୍ତି। ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ମଧ୍ୟ ଏସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଲୁଟନିକ୍‌ଙ୍କ କହିବାନୁସାରେ ଆମେରିକାର ବର୍ଦ୍ଧିତ ଶୁଳ୍କ ଅଗଷ୍ଟ ୧ରୁ କୌଣସି ବିଳମ୍ବ ବିନା କାର୍ଯ୍ୟକାରୀ ହେବ। ତେଣୁ କୌଣସି ବୃଦ୍ଧି ନାହିଁ, ଆଉ କୌଣସି ସ୍ଥଗିତ ନାହିଁ। ଅଗଷ୍ଟ ୧ରୁ କଷ୍ଟମ୍ସ ଟଙ୍କା ସଂଗ୍ରହ କରିବା ଆରମ୍ଭ କରିବ, ଏବଂ ଆମେରିକା ଆଗକୁ ବଢ଼ିବ।

# ୨୨ ମିନିଟ୍‌ରେ ନେଇଛୁ ପହଲଗାମ୍‌ର ପ୍ରତିଶୋଧ: ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ଅପରେସନ୍ ସିନ୍ଦୂର’ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର’ ସମ୍ପର୍କୀତ ଆଲୋଚନାଚକ୍ରରେ ସାମିଲ ହୋଇଛନ୍ତି। ମୋଦୀ ନିଜ ଭାଷଣରେ କହିଛନ୍ତି, ୨୨ ଏପ୍ରିଲ୍‌ର ଆକ୍ରମଣର ପ୍ରତିଶୋଧ ୨୨ ମିନିଟ୍ ମଧ୍ୟରେ ନିଆଯାଇଥିଲା। ୬ ମେ’ ରାତି ଓ ୭ ମେ’ ସକାଳେ ଭାରତୀୟ ସେନା ନିର୍ଦ୍ଧାରିତ ଲକ୍ଷ୍ୟ ସହିତ ୯ଟି ଆତଙ୍କବାଦୀ ଶିବିର ସମେତ ପାକିସ୍ତାନର ଅନେକ ଏୟାରବେସ୍‌କୁ ଉଡାଇ ଦେଇଥିଲା। ଭାରତୀୟ ସେନାର ପ୍ରଚଣ୍ଡ ପରାକ୍ରମ ତଥା ଆକ୍ରମଣରେ ଧୂଳିସାତ୍ ହୋଇଯାଇଥିବା ପାକିସ୍ତାନର ଅନେକ ସାମରିକ ଆଡ୍ଡା ଆଜି ବି ଆଇସିୟୁରେ ପଡ଼ିରହିଛି। ପାକିସ୍ତାନ ଭାରତର ଏପ୍ରକାର ଆକ୍ରମଣକୁ କଦାପି ଭୁଲିପାରିବ ନାହିଁ। ଭାରତୀୟ ସେନା ଅପରେସନ୍ ସିନ୍ଦୂର’ ମାଧ୍ୟମରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ କେବଳ ନଷ୍ଟ କରିଛି ତାହା ନୁହେଁ ପାକିସ୍ତାନରେ ନିର୍ଭୟରେ ବିଚରଣ କରୁଥିବା ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ମଧ୍ୟ ନିପାତ କରି ପାକିସ୍ତାନର ଅଣ୍ଟା ଭାଙ୍ଗିଦେଇଛି। ଆଜି ସେ ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ଭାରତର ପକ୍ଷ ରଖିବା ପାଇଁ ଏବଂ ଯେଉଁମାନେ ଭାରତର ପକ୍ଷ ଦେଖି ପାରୁନାହାନ୍ତି, ସେମାନଙ୍କୁ ଆଇନା ଦେଖାଇବା ପାଇଁ ଛିଡ଼ା ହୋଇଛନ୍ତି ବୋଲି ମୋଦୀ କହିଛନ୍ତି। ନିଜର ୧ଘଣ୍ଟା ୪୦ମିନିଟ୍ ଅବଧିର ଭାଷଣ ଅବସରରେ ମୋଦୀ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ପହଲଗାମ୍ ଘଟଣାରେ ଭାରତ କେବଳ ଅପରେସନ୍ ସିନ୍ଦୂର ପର୍ଯ୍ୟନ୍ତ ସୀମିତ ରହିନାହିଁ ବରଂ ପାକିସ୍ତାନ ବିପକ୍ଷରେ ସିନ୍ଧୁଜଳ ଚୁକ୍ତି ଭଳି ଅନେକ କୂଟନୈତିକ ନିଷ୍ପତ୍ତି ନେଇଛି ଯାହା ପାକିସ୍ତାନକୁ ବିକଳ ସ୍ଥିତିରେ ପକାଇଦେଇଛି।

ପ୍ରଧାନମନ୍ତ୍ରୀ ମୋଦୀ ଗୃହରେ ଉପସ୍ଥିତ ସମସ୍ତ ବିରୋଧୀ ତଥା ଦଳୀୟ ସାଂସଦଙ୍କୁ ସୂଚନା ଦେଇ କହିଛନ୍ତି ଯେ ୨୨ ଏପ୍ରିଲ୍‌ରେ ପହଲଗାମରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି ମାରିଥିଲେ। ଏହା ଆତଙ୍କବାଦର ନିର୍ମମତାର ଚରମ ସୀମା ଥିଲା। ଭାରତ ମଧ୍ୟ ଏହାର ଦୃଢ଼ ଜବାବ ଦେବାକୁ ଶପଥ ନେଇଥିଲା। ଦେଶବାସୀଙ୍କ ଏକତା ଏବଂ ସେନାର ସାମର୍ଥ୍ୟରୁ ସୃଷ୍ଟି ହୋଇଥିଲା ଅପରେସନ୍ ସିନ୍ଦୂର। ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ୨୨ ଏପ୍ରିଲ୍ ଘଟଣାକୁ ଦୃଷ୍ଟିରେ ରଖି ପରେ ସେନାକୁ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ସେନାବାହିନୀ ହିଁ ନିଷ୍ପତ୍ତି ନେଇଥିଲେ କେବେ, କେଉଁଠାରେ ଓ କିପରି ଜବାବ ଦେବେ। ପହଲଗାମ୍ ଘଟଣା ପରେ ପାକିସ୍ତାନ ମଧ୍ୟ ଏତେମାତ୍ରାରେ ଭୟଭୀତ ହୋଇପଡ଼ିଥିଲା ଯେ ଏହା ଭାରତକୁ ପରମାଣୁ ଆକ୍ରମଣର ଧମକ ମଧ୍ୟ ଦେଇଥିଲା। କିନ୍ତୁ ଭାରତ ପରମାଣୁ ଆକ୍ରମଣ ଧମକ ଆଗରେ ମୁଣ୍ଡ ନୁଆଁଇନଥିଲା ଏବଂ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଆତଙ୍କବାଦୀମାନଙ୍କୁ ଏଭଳି ଶାସ୍ତି ଦିଆଯାଇଛି ଯେ ସେମାନଙ୍କ ପାଳନକର୍ତ୍ତା ଏବଂ ଭାଗ୍ୟ ବିଧାତାଙ୍କ ନିଦ ହଜିଯାଇଛି। ଅପରେସନ୍ ସିନ୍ଦୂର’ ପରିପ୍ରେକ୍ଷୀରେ ୧୯୦ରୁ ଉର୍ଦ୍ଧ୍ୱ ଦେଶ ଭାରତକୁ ସମର୍ଥନ କରିଛନ୍ତି ବୋଲି ମୋଦୀ କହିଛନ୍ତି। ତେବେ ଅପରେସନ୍ ସିନ୍ଦୂର ସମୟରେ ଦେଶବାସୀଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ସେ ସର୍ବଦା ଋଣୀ ରହିବେ ବୋଲି କହିବାକୁ ମୋଦୀ ଭୁଲିନାହାନ୍ତି।

# ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ: ସେପ୍ଟେମ୍ବର ୯ ତାରିଖରେ ଭାରତର ପରବର୍ତ୍ତୀ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଭାରତର ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି। ଏଥିପାଇଁ ଅଗଷ୍ଟ ୭ ତାରିଖରେ ଅଧିସୂଚନା ଜାରି ହେବ। ଅଧିସୂଚନା ଜାରି ହେବା ସହିତ ହିଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। ଏଥିପାଇଁ ଅଗଷ୍ଟ ୨୧ ତାରିଖ ଶେଷ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୨୫ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରଖାଯାଇଛି। ନିର୍ବାଚନରେ ଉଭୟ ଲୋକସଭା ଓ ରାଜ୍ୟସଭାର ମୋଟ ୭୮୮ ସାଂସଦ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟସଭାର ୨୩୩ ନିର୍ବାଚିତ ସଦସ୍ୟ ଏବଂ ୧୨ ମନୋନୀତ ସଦସ୍ୟ ଏବଂ ଲୋକସଭାର ୫୪୩ ସଦସ୍ୟ ସାମିଲ। ନିର୍ବାଚନରେ ଭାଗ ନେବାକୁ ଥିବା ଇଲେକ୍ଟୋରାଲ୍ କଲେଜ ଅର୍ଥାତ୍ ଭୋଟ୍ ଦେବାକୁ ଥିବା ସାଂସଦଙ୍କ ତାଲିକା ଗୁରୁବାର ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ରାଜ୍ୟସଭା ସଚିବାଳୟର ମହାସଚିବ ପିସି ମୋଦୀଙ୍କ ରିଟର୍ଣ୍ଣିଂ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟସଭା ସଚିବାଳୟର ଯୁଗ୍ମ ସଚିବ ଗରିମା ଜୈନ ଏବଂ ରାଜ୍ୟସଭା ସଚିବାଳୟର ନିର୍ଦ୍ଦେଶକ ବିଜୟ କୁମାର ସହାୟକ ରିଟର୍ଣ୍ଣିଂ ଅଧିକାରୀ ଅଛନ୍ତି। ଜୁଲାଇ ୨୫ ତାରିଖରେ ନିର୍ବାଚନ କମିଶନ୍ ପକ୍ଷରୁ ସେମାନଙ୍କୁ ନିଯୁକ୍ତ କରାଯାଇଛି।

# କେନ୍ଦ୍ର କ୍ୟାବିନେଟ୍‌ରେ ୪ ରେଳ ପ୍ରକଳ୍ପକୁ ମଞ୍ଜୁରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଳ ମନ୍ତ୍ରଣାଳୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୧୧,୧୬୯ କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପଗୁଡ଼ିକ ହେଲା ଡାଙ୍ଗୋଆପୋଷି-ଜାରୋଲି ତୃତୀୟ ଏବଂ ଚତୁର୍ଥ ଲାଇନ୍, ଇଟାରସୀ-ନାଗପୁର ଚତୁର୍ଥ ଲାଇନ୍, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜୀନଗର)-ପରଭଣୀ ଦୋହରୀକରଣ ଏବଂ ଆଲୁବାରୀ ରୋଡ୍-ନୂତନ ଜାଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ୍। ଏହି ବର୍ଦ୍ଧିତ ଲାଇନ୍ କ୍ଷମତା ଗତିଶୀଳତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ। ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ଏହି ୪ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନ ନେଟ୍‌ୱାର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ ଏବଂ ୨୦୨୮-୨୯ ସୁଦ୍ଧା ଏସବୁର କାମ ସମ୍ପୂର୍ଣ୍ଣ ହେବ। ଏହା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟର ୧୩ଟି ଜିଲ୍ଲାକୁ ସଂଯୋଗ କରିବ।

# ମରଣର ମହାଯଜ୍ଞ

ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ
କିଏ ସେ ବୁଝିବ କାହିଁକି ବୁଝିବ
କେମିତି ମୋ ଦିନ ସରେ ॥
ପଥହୀନ ମୁଁ ପଥିକଟିଏ ଆଜି
ନାହିଁ ମୋର ପରିଚୟ
ଦୁନିଆ ଆଖିରେ ବଞ୍ଚିଛି ବୋଲି ମୁଁ
କରି ଚାଲେ ଅଭିନୟ
ନିଜ ଆଖି ଲୁହ ପିଇ ପିଇ ଆଜି
ବଳକା ଆୟୁଷ ସାରେ
ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ ॥
ଅସରନ୍ତି ଆଶା ହଜାରେ ସପନ
ଯନ୍ତ୍ରଣା ଜୁଇରେ ଜଳେ
ଛାତି ତଳ ଦୁଃଖ ଛାତିରେ ଚାପିକି
ଓଠେ ଟିକେ ହସ ତାଳେ
ସ୍ୱପ୍ନ ନୀଡ଼ ଭାଙ୍ଗି ନିଇତି ଗାଧୋଏ
ରକତ ନଦୀର ତୀରେ
ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ ॥

**ପ୍ରକାଶ କୁମାର ଚାନ୍ଦ**
ପିପିଲି, ପୁରୀ

# ଗୋଟେ ଜୀବନ

ଭାରି ନିରୀହ ଲାଗେ
ହଳେ ଆଖି
ଚାହାଣି କୁହେ ଗାଟେ
ଭୋକର ଗପ
ନିରୀହ ଜୀବନଟା
ଛୋଟିଆ ତା' ଦୁନିଆ
ମଥାକୁ ହାତ ପାଉନଥିବା ହାତରେ
ପେଟ ପୋଷିବାର ଗୋଟେ ନିଶା
ତା' ଭାଗ୍ୟ ବୋଧହୁଏ ସେ ନିଜେ
ତା' ଭଗବାନଟା ବି
କ'ଣ ଆଉ ଭବିଷ୍ୟତ ତା'ର
ଛିଣ୍ଡା କପଡ଼ା ଖଣ୍ଡେ
ଲଙ୍ଗଳା ଆକାଶର ଛାତିରେ
ଜୀବନଟା ଜିଇବାର ଆଶା
ନିଜକୁ ଗଢ଼ି ତୋଳେ ନିଜ ପାଇଁ
ପଥର ପରି ନ ହେଲେ ବି
ଅନ୍ୟ ପେଟ ପାଇଁ ଭିଜିଯାଏ
ଆଖି ପତା ଯୋଡ଼େ
ଖୁବ୍ ମଇଳା ସେ
କୁଢ଼ କୁଢ଼ ଆବର୍ଜନା
ଜରି ପଲଥିନ ଗଦା
ଭଙ୍ଗା କ୍ୟାବିନ
କୋଉଟା ବି ନିର୍ଦ୍ଦିଷ୍ଟ
ନୁହେଁ ତା' ପାଇଁ
ପେଟ ପାଇଁ ନାଟ
ପେଟ ଚାଖଣ୍ଡକୁ ଧରି ନୀତି ବୁଲେ
ବର୍ଷା, ଖରା ଅବା ଯେଉଁ ଋତୁ
ତା' ପାଇଁ ତ କେବଳ ଭୋକ ହିଁ
ଗୋଟେ ଋତୁ ସବୁ ବର୍ଷ, ମାସ
ଅଳିଆ ଗଦା ଓଳିକର ଭୋକ ହିଁ
ତା' ଖେଳନା ଖୁବ୍ ଖେଳେ
ଆଖି ଲୁହ ପୋଛି
ନିଜ ମଥା ପାଇଁ ନିଜେ ସେ
ମା'ବାପାର ହାତ।

**କିରଣ ମନୀଷା ମହାନ୍ତି**
ପୁରୀ-୬



# ଆମେରିକା ପିଆଜ

**ଉମାକାନ୍ତ ରାଉତ**

"ମାଳ...ମାଳ...ଏ ମାଳତୀ! ଏ ମୁନା, ଏ ରଙ୍ଗ, ଆବେ ନଖିଆ...କାଳିଆ... ସବୁ ମଲଣି ନା କ'ଣ ବେ? କୁଆଡ଼େ ଗଲା ବେ ସବୁ?"

ଶଙ୍କରା ପୁଅ ଶିରିଆର ଅତର୍ଚ୍ଛା ଡାକରେ ଝାଳନାଳ ହୋଇ ଧାଇଁ ଆସିଲା ସୁନା।

"କ'ଣ ହେଲା? କ'ଣ ହେଲା ଲୋ ବାଆ? ଏମିତି ଆକୁଳିଆ ରଡ଼ି କାହିଁକି କରୁଛୁ?"

"ମୋ ଡାକ ତୁମକୁ ରଡ଼ି ଭଳିଆ ଶୁଭୁଛି? ହେଣ୍ଟାଳ ଭଳିଆ ଲାଗୁଛି? ଆଲୋ ତୋ' ମାଆ କ'ଣ ମଲାଣି ନା ଚୁଲିରେ ପଶିଛି। ମୋ' ଡାକ କ'ଣ ତା କାନ ଗିରିରେ ବାଜୁନି? ଡାକ୍ ତୋ'ମାଆକୁ; ଦେଖିବ କ'ଣ ଆଣିଛି।"

ଲୁଗାକାନିକୁ ତଳେ ଘୋଷାଡ଼ି ଘୋଷାଡ଼ି ଝପଟି ଆସୁ ଆସୁ ମାଳତୀ ପଞ୍ଚମ ତାନରେ କହି ଚାଲିଥିଲା, "କାହିଁକି ଏମିତି କୁହାଟୁଛ ମ? ଆମର ତମର ଏମିତି କଳେବର କାହିଁକି ଶୁଣେ?"

"ଆଲୋ ମାଳ! ଦେଖିଲୁ ଦେଖିଲୁ; ଦେଖ କି ନୂଆ ଚିଜଟାଏ ଆଣିଛି ଆଜି। ଆଗ ନେଇ ତର୍କାରି କଲୁ, ଦେଖିବା କେମିତି ହେଉଛି?"

"କ'ଣ ନୂଆ ଚିଜ ମ?" କହୁ କହୁ ଶିରିଆ ଗାମୁଛା ପାରିଦେଲାରୁ କଲିକତି ଡାଳିମ୍ବ ଭଳି ଲାଲଟକ୍ ଟକ୍ ଦେଖାଯାଉଥିବା ଗେଟୁଲା ଗେଟୁଲା ଫୁଲାଏ ଫଳ!

"ଇଏ ପୁଣି କି' ଫଳ ଗୋ?"

"ଆଲୋ, ଏ ଗୁଡ଼ାକ ଫଳ ନୁହେଁ; ପିଆଜ। ଆମେରିକାରୁ ଆସିଛି। ଆମେରିକା ପିଆଜ!"

"ଆଏଁ, ଦିନେ କାଳ ଇମିତିଆ" ପିଆଜର ନାଆ! ଏକାନ ଉଠିଲା ଦିନୁଁ ଶୁଣିନଥିଲା" ଆମେରିକା ପିଆଜ ପୁଣି କ'ଣ? ତମକୁ ଏ ସବୁ ଦେଲା କିଏ?

"ହେତ୍, ଯେ ଶଳା ମାଇକିନିଆ ଜାତିଟା ବୁଲେଟ୍ ଭଳି ଫଟଫଟ ଭଟଭଟ ହେଉଥିବେ ଯେ ହେଉଥିବେ। ପଛରେ ସେ ସବୁ ଗୌରଚନ୍ଦ୍ରିକା କରିବୁ, ଆଗ ନେଇ ଯାକୁ ରାନ୍ଧ ତ ଦେଖିବା କେମିତି ହେଉଛି।"

ପିଆଜ ଗୁଡ଼ିକୁ ନେଇ, ମାଳ ବଙ୍ଗଳାରୁ ରୋଷେଇ ଘର ଆଡକୁ ଝପଟି ଗଲା। ପିଲାମାନେ ପିମ୍ପୁଡ଼ି ଭଳି ତା'ପଛେ ପଛେ ଧାଡ଼ି ବାନ୍ଧିଲେ।

ପନିକିରେ କାଟୁ କାଟୁ ମାଳତୀର ମନ ଦିଲ୍‌ଖୁସ ହେଇଗଲା। ଆହା...କି ନାଲି? ଉପରେ ଯେତେ ଭିତରେ ତା'ର ଡବଲ କି ଡବଲ ଲାଲଟକ୍ ଟକ୍। ମୁଣ୍ଡା ଖଇର ବି ତା'ପାସଙ୍ଗରେ ପଡ଼ିବ ନାହିଁ। କଟା ପିଆଜକୁ ଫାଳି ଫାଳି କରି ଲୁହା କଡ଼େଇରେ ଛାଡ଼ି ଦେଲାରୁ ଦେଖିବାର କଥା..। ଯେମିତି ନାଲଭାଜି!!

ଖାସି କଲିଜା ବି ତା ପାସଙ୍ଗରେ ପଡ଼ିବ ନାହିଁ।

ତର୍କାରିର ରଙ୍ଗ ଦେଖି ସେଦିନ ଶିରିଆ ଘରର ସମସ୍ତଙ୍କର ମନଖୁସ୍। ଖାଇବା ଥଳି ପାଖରେ ଖାଲି ସେଇ ଆମେରିକା ପିଆଜର କମାଲ କଥାର ଖିଅ ଛିଣ୍ଡି ନଥାଏ। ଆମେରିକା ପିଆଜର ଗୁଣଗାନରେ ଶିରିଆ ଯେମିତି ଶତମୁଖ ହୋଇଉଠୁଥାଏ ! ମାଳ ବି...

ଦାଣ୍ଡ ଦୁଆର କବାଟରେ କିଏ ଖଟ୍ ଖଟ୍ କଲା। ଖଟ୍ ଖଟ୍ ଶବ୍ଦକୁ କାନେଇ ଶିରିଆ ପାଟି ବନ୍ଦ କରି କହିଲା, "ଏୟ ରଙ୍ଗ ଦେଖ, ଦେଖ...ଦେଖିଲୁ, ଦାଣ୍ଡ କବାଟରେ କିଏ ଖଟ୍ ଖଟ୍ କରୁଛି।

ରଙ୍ଗ ଦୌଡ଼ି ଯାଇ କବାଟ ଖୋଲି ଦେଲାରୁ ଚକରା ହାତୀମାଇପ ହୀରା।

"ଆଲୋ, ଏ ଦୁମ୍‌ଦୁମିଆ ଦ୍ୱିପହର ବେଳେ କି' କାମ ପଡ଼ିଗଲା ହେଲା ହୀରା? ଝାଳନାଳରେ ବେଦମ୍ ହେଇ ଧାଇଁ ଆସିଲା ପରି ଲାଗୁଛୁ।"

"କହନା, କହନା ତୁ ଶିରିଆଇ। ଇଏ ବାଡ଼ିତଳ ନାହାକଟକ ବାହାଳିରୁ ହଳସାରି ଫେରି ପଖାଳ ଗଣ୍ଡେ ଖାଇବାକୁ ମାଗିଲେ। ପଖାଳ କଂସାଟେ ବାଢ଼ିଦେଇ ଅଣ୍ଡାଳିଲା ବେଳକୁ ପିଆଜଟେ ଅଛି। ନା ଲୁଣ ସରାରେ ଲୁଣ ଦାନା ଟେ! ଖାଲି ଧୁଆଧୋଇ ହେଉଥାଅ ଏଇ ଆସୁଛି ବୋଲି କହି ମୁଁ ମାଳ ଭାଉଜଙ୍କ ପାଖକୁ ଧାଇଁଛି ତ ଆଉ! ଶାମୁକେ ଲୁଣ, ଆଉ ଦି'ଚାରିଟା ପିଆଜ ହେଲେ ହେଲା! ଉପରଓଳା ଇଏ ହାଟରୁ ଫେରିଲେ ମୁଁ ସାଥେ ସାଥେ ନିଜେ ଆସି ଫେରେଇ ନେଇଯିବି।"

ଆଲୋ ଲୁଣ ଶାମୁକେ ଦବୁ ତ ଦବୁ ନେଇଯା। ନ ହେଲେ ନିମକହାରାମ ହବୁ। ହେଲେ ପିଆଜ ତୋତେ ମାଗୁଛି କିଏ? ମୋ ଚକରା ଭାଇଟା ଦି'ଗୁଣ୍ଡା ପଖାଳ ଖାଇବ। ତୁ'କହୁଛୁ କ'ନା ପୁଣି ଫେରେଇବୁ? ତୋର ଏଇ ହୀନ କଥା ଯାହା ଏଯାଏଁ ଗଲାନାହିଁ ଲୋ ହୀରା। ଆଲୋ ପିଆଜ ନବୁ କ'ଣ? ତର୍କାରୀ ନେଇ ଯାଆ। ଚକରା ଭାଇକୁ ମୋର ଦବୁ। କହିବୁ, ଆଇକି କହିବି ଆମେରିକା ପିଆଜର କମାଲଟା କେମିତି। ହଁ, ଆଉ ଗୋଟେ କଥା- ତୁ ଯେ ଚିଜକୁ ହାଟରେ ପାଇବୁ କଉଠୁ ଯେ ଫେରେଇବୁ? ହାଃ...ହାଃ ଯା ତୁ...ତୁ ଆଗ ନେଇ ଯାଆ...।

"ତୁ ଯେ କ'ଣ ସବୁ କହୁଛୁ ଶିରିଆଇ? ଆମେରିକା ପିଆଜ?"

"ହଁ, ହଁ ଆମେରିକା ପିଆଜ! ହେଇ ଦେଖ, ଖଟତଳେ କୁଢ଼ା ହୋଇଛି। ଭଲ କରି ଆଖି ପୁରାଇ ଦେଖ। ତୋ ବାପ ଚଉଦ ପୁରୁଷ ଦେଖି ନଥିବେ ଏ ଜିନିଷ। ଆମେରିକା ମାଲ୍‌ଟି! ଇଏ ଗୋଟେକୁ ତୁମ ଦେଶି ଭଳି ପିଆଜ ତିନି କି ଚାରିଟା। ତର୍କାରିକୁ ଦେଖୁନୁ? ଖାଲି ରଙ୍ଗ ଦେଖିଲେ ପରା ହାପୁଲେ ଭାତ ଉଠିଯିବ! ଦାମ୍ ବି ସେମିତି ବେଶି କିଛି ନୁହେଁ।" ତାରିଫ ଗଳାରେ ଶିରିଆ ସଂକ୍ଷିପ୍ତ ଭାଷଣଟିଏ ଶୁଣେଇଲା।

ପିଆଜଟିଏ ହାତରେ ଧରି ଏପଟ ସେପଟ କରି ପରୀକ୍ଷା କରୁ କରୁ ଉତ୍‌ଫୁଲ୍ଲିତ କଣ୍ଠରେ ହୀରା ଯୋଗ କଲା – "ହଁ ତ! ସତରେ ଭାରି ମନଲୋଭା ହେଇଛି ଯେ ପିଆଜ ଗୁଡ଼ାକ। ଯାକୁ କୋଉଠୁ ପାଇଲ ଶିରିଆରେ? କେତେ ମସ୍ତ ମସ୍ତ ହେଇଚି ମା ଆଛା ଶିରିଆଇ, ତୁ ତ ଏତେ କିସମର ପନିପରିବା, ଆଳୁ, ପିଆଜ, ରସୁଣ, ଶାଗସବଜି ଚାଷ କରୁଛୁ, ଯାକୁ ଏଥର କରୁନୁ? ଲାଲେ ଲାଲ ହେଇଯାନ୍ତୁ।"

ଆରେ ସତେ ତ! ଏ ଆଇଡିଆଟା କାହିଁକି ମୋ ମୁଣ୍ଡକୁ ଢୁକି ନଥିଲା ଏଯାଏଁ? ଏଇ ସମୟରେ ସେଥିପାଇଁ ପିଆଜ ନବାକୁ ହୀରାକୁ ଭଗବାନ ପଠେଇଲେ କି ଆଉ? ନୁହେଁ ତ ଆଉ କ'ଣ? ହଁ ତ! ଦେଖୁନ କେମିତି ସଂଯୋଗ!" ଶିରିଆ ଏକଥା ମନେ ମନେ କହୁକହୁ ଭାରି ଗୋଟାଏ ଗଦ୍‌ଗଦ୍ ହୋଇଗଲା।

କାହାକୁ କିଛି ନ ଜଣେଇ, ଖାଇସାରି ସିଧା ଚାଲିଲା ମାରୱାଡ଼ି ପଟିର ହୀରାଲାଲ ଅଗ୍ରୱାଲ ଗୋଦାମକୁ। ତା'ସେଲସ୍‌ମ୍ୟାନକୁ ଛାନିଆ କରି ପକେଇଲା। "ଆରେ ସଞ୍ଜ ହୋଇଯିବ। ମୋତେ ଜଲଦି ଜଲଦି ଦି'କୁଇଣ୍ଟାଲ ଆମେରିକା ପିଆଜ ଦେଇଦିଅ।"

ଶିରିଆର ଛାନିଆ ଭାବ ଦେଖି ଅନ୍ୟ ଗ୍ରାହକଙ୍କ କଥା ପଛକୁ ରଖି କଣ୍ଟାରେ ତଉଲି ହୀରାଲାଲ ତାକୁ ଆଗ ଚାରିବୁରା ମହାକାଳ ଫଳ ଭଳି ନାଲି ଟହ ଟହ ଦିଶୁଥିବା ବଡ଼ ପିଆଜକୁ ଧରେଇ ଦେଲା। ବାସ୍, ସେଇଠୁ ଟ୍ରଲିଟେ ଡାକି, ପିଆଜ ବୁରା ଉପରେ ମହାରାଜ ଭଳି ବସି ଘରେ ପହଞ୍ଚିଲା ବେଳକୁ ସଞ୍ଜ ହବ ହବ ହେଲାଣି।

ସେଇଠି ଦେଖିବାର କଥା। ଆଖପାଖର ସମସ୍ତେ ଆସି ତାଙ୍କ ଘରେ ହାଜର। ଯେମିତି ମେଳଣ!

ଆମେରିକାର କମାଲ ଗାନରେ ସେଦିନ ଶତମୁଖ ହୋଇଉଠିଲେ ସଭିଏଁ। କେଇଜଣ ବି ମନେ ମନେ ଅସୂୟା କରି ଖାଲି ଯାହା ଉପରେ ଉପରେ ଦାନ୍ତ ନିକୁଟି ଶିରିଆକୁ ଉତ୍ସାହିତ କରିବାର ଅଭିନୟ କରିଥିଲେ। ହେଲେ ସଭିଏଁ ଭାବୁଥିଲେ – "ଆହା! ଆମେ ସର୍ବପ୍ରଥମେ ଏହି ଆମେରିକା ପିଆଜକୁ ପାଇଯାଇଥାନ୍ତୁ କି? କାହାକୁ କିଛି ନ ଜଣାଇ ଆଗ ଆଗ ଚାଷ କରି ଫଳେଇ ଫାଳେଇ ବଜାରକୁ ଛାଡ଼ି ଦେଇଥାଆନ୍ତୁ।"

ଚାଷବାସରେ ଶିରିଆର ତେରଦିନରେ ଅଭିଜ୍ଞତା। ଖୁବ୍ ସତର୍କତାର ସହ ସେସନ ଅନ୍ୟ ପନିପରିବା ଅମଳକୁ ଆଦୌ ନଜର ନ ଦେଇ ଆମେରିକା ପିଆଜ ଚାଷରେ ପୁରାପୁରି ମନ ଢ଼ାଳିଦେଲା ଶିରିଆ।

ବୁଢ଼ାସାପ ଲାଞ୍ଜର ଅଗଭଳି ଭୁଜୁଗୁଳିଆ ଭୁଜୁଗୁଳିଆ ଗଜାକୁ ଦେଖି ସେ ବିଭୋର ହୋଇପଡ଼ିଲା। ଆହୁରି ଆହୁରି ଯତ୍ନ ନେବାରେ ମଜ୍ଜିଗଲା ସିଏ।

ହେଁ ବେଏଁ ମୋଟ ଗଛର ଛନ ଛନ ସବୁଜ କାଣ୍ଡ ଦେଖି ଶିରିଆର ମନ କେଣ୍ଡା ଭଳି ଫୁଲି ମୋଟା ହୋଇଗଲା। ଭେଣ୍ଡିଆ ଶିରିଆଟା ମେଣ୍ଢାମୁଣ୍ଡିଆ ଭଳି ଡେଣ୍ଡା ଲଗାଇ ପ୍ରତିଦିନ ପାଣି ମଡ଼େଇବାରେ ଲାଗିଲା। ପେଣ୍ଡା ପେଣ୍ଡା ଆମେରିକା ପିଆଜ ପାଇଁ ବୁଢ଼ାଳିଆ ଡେଣ୍ଡାପାଣି ନ ହେଲେ କ'ଣ ଚଳେ?

ଆଖୁଗଛ ଭଳି ବିରାଟ ବିରାଟ କାୟା ଦେଖି ବିହ୍ୱଳ ହୋଇ ପଡୁଥିଲା ଶିରିଆ। ଏମିତିକି ଆଖପାଖର ସମସ୍ତଙ୍କର ଅସୂୟାର ଶିକାର ସାଜିଗଲା ସିଏ। ସତେ ଯେମିତି ପବନରେ ଉଡୁଥାଏ ଶିରିଆ।

ଗାଆଁମୁଣ୍ଡ ବରଗଛ ମୂଳ ନରି ଦୋକାନ ଛକରେ ଚଟ୍‌କାର ମାରି ହାତ ହଲେଇ ଖାଲି ଡାଇଲଗ ମାଇଲା। – "ଏଇ ଥରକ ଦେଖ, କି ବହି କରୁଛି ମୁଁ। ଓଡ଼ିଶା ଅପେରାର 'କଥା ରହିଗଲା ମଗୁଶୁରକୁ' ଏବେ ପଚାର ଚିଙ୍ଗୁଡ଼ି ହୋଇଗଲାଣିରେ ପୁଅ। ମୋର ଏଥରକ ବହି ହବ "କଥା ରହିଯିବ କାଳକାଳକୁ"। ଆମେରିକା ମାଲ୍‌ଟି? କଚେବାର କରିଦେବି ବାପଧନ। ଆରେ, ଆଉ କେଇଟା ଦିନ ଖାଲି ସବୁର କର। ଖାଲି ଘାଉଁ ଘାଉଁ କରି ପବଛଡ଼ା ଦଉଛି ତ। ଆଉ ବେଶି ଡେରି ନାଇଁରେ ଧନ। ଏଥର ବହି ହବ ବୋର। ହବ କ'ଣ, କମ୍ପିବ ତ! ଏକଦମ୍ ଛଇଲାଟ୍ କରିଦେବି।

ଆସିଗଲା ସେଇ ଇପସିତ୍ ଦିନ। ମୂଳ ଉପୁଡ଼ାଇ ଦିନ। ଝୁଡ଼ି ପାଛିଆ ଧରି ଧାଇଁ ଧାଇଁ ଆସିବାକୁ ପୁଅ, ମାଇପ, ଛୁଆପିଲାଙ୍କୁ କୁହାଟ ଛାଡ଼ିଲା ଶିରିଆ- "ଯେ ସୁନା, ଏ ରଙ୍ଗ, ଏଇ ମାଳ, ଆରେ ନଖିଆ। ବେଗି ବେଗି ଆସ...ଝୁଡ଼ି ପାଛିଆ ଧରି ଧାଇଁ ଆସ...ଧାଇଁ ଆସ ବେ। ଦେଖିବ ଆସ, ଆମେରିକା ପିଆଜର କମାଲ।

ଛୁଆପିଲା, ସାଇପଡ଼ିଶା ଶିରିଆର କୁହାଟ ଶୁଣି ଉଦ୍‌ଗ୍ରୀବତାର ସହ ସେଠି ଠୁଳ ହେଲେ। ପାଞ୍ଚନମ୍ବରୀ କୋଦାଳଟିଏ ଆଣି ମୂଳ ପରେ ମୂଳ ତାଡ଼ି ଚାଲିଲା ଶିରିଆ।

ଝାଳନାଳ ଆଣ୍ଠୁଏ ହୋଇଗଲା ଶିରିଆ। ଖାଲି ହେଁ ହେଁ ଭୁଣ୍ଡା ଭୁଣ୍ଡା ମୂଳ। ତାଳଗଛ ଚେର ଭଳି ଭୁଷୁଣ୍ଡା ଭୁଷୁଣ୍ଡା ପୁଳାପୁଳା ଚେର। ହେଲେ ପିଆଜ କାହିଁ? କାହିଁ ପିଆଜ...???
ଆଳୁ ସାରୁ, କଦଳୀ...ଚୋପା...ଗେଣ୍ଡା...

ପିଆଜ...??

କାହାରି କଥାକୁ କର୍ଣ୍ଣପାତ ନ କରି ଆଖିକାନ ବୁଜି କୋଦାଳ ମାରି ଚାଲିଥାଏ ଶିରିଆ। ନାକପାଟି ଦେଇ ଫେଣ ସହ ବାମ୍ଫ ବାହାରି ଯାଉଥାଏ ତାର। ଠେକୋଟା କାଢ଼ି ହୋଇଗଲାଣୁ ମୁଣ୍ଡ ଫାଟିକି ନିଆଁ!

ଏତିକି ବେଳେ ସେପଟେ ଯାଉଥିଲା। ରାଉତ ସାହିର ଶ୍ରୀଧର ରାଉତ। ଏସବୁ କାଣ୍ଡ ଦେଖି ସେଠାରେ ଆସି ପହଞ୍ଚିଲା। ସମସ୍ତଙ୍କଠାରୁ ସବୁକଥା ଶୁଣିସାରି ସିଏ କହିଲା, "ଆରେ ଶିରିଆ, ଏମିତି ପାଗଳାଙ୍କ ଭଳିଆ ହେଲେ କ'ଣ ହେବ? ଲଗେଇଲା ଆଗରୁ ସାନ ବଡ଼ କାହାକୁ ଭଲା କିଛି ପଚାରନ୍ତୁ? ତୁମେ ସବୁ ଆଜିକାଲିକା ଟୋକାଙ୍କ ବୁଦ୍ଧି ପରା ଏଇଆ! ସେଥିରୁ କ'ଣ ପିଆଜ ଫଳିବ?

ହେଇ ହାତକଟାର କାଙ୍ଗାଳିପୁଅ ନୁକ୍କା। କେଉଁଠୁ ନେଇ ଆସିଲା ହେଁ ହେଁ ବଡ଼ ପାଚିଲା ବାଇଗଣ। ଗୋଟାଏ ଗୋଟାଏ ଓଜନ କେଜିଏରୁ କମ୍ ହେବ ନାହିଁ। ସେଥିରୁ ମଞ୍ଜି ସଂଗ୍ରହ କଲା। ମଞ୍ଜି ବୁଣି ଗଛ ବି ଠିଆ କରେଇଲା। ବଉଳ ଗଛ ଭଳି ଘଞ୍ଚ ଘଞ୍ଚିଆ ବିରାଟ ଗଛମାନ ହେଲା। ହେଲେ ଫଳ ନାସ୍ତି!

ବାଲିପାଟଣାର ଧନିଆ ପୁଅ ହୁଣ୍ଡା। କଲିକତାରୁ ନେଇକି ଚାଲିଆସିଲା। ଆମେରିକା ଭେଣ୍ଡି ଆଉ ଚାଇନା ରସୁଣ! ଦାସ ସାହିର ମୂଳିଆ ଦାସ ପୁଅ ଶରତ ସେମିତି ଆମେରିକା ମକ୍କା ଓ ଆହୁରି କେତେ କ'ଣ ଜିନିଷ ଆଣି ଦୋକାନ ଛକରେ ତୋର ଭଳି ବହେ ବଖାଣିଲା। ଭେଣ୍ଡି, ମକ୍କା, ରସୁଣ ସବୁ କୁଆଡ଼େ ଛାଇଯିବ। ଦେଖିଲା ବେଳକୁ ହାତୀ ପାଡ଼ିବ ପାଡ଼ିବ ଫୁସ୍!

ସବୁକିଛି ଫସର ଫାଟିଗଲା। ଆଉ ତୁ ଖୋଳିବୁ ପିଆଜ?

ଖୋଳୁ ଖୋଳୁ ବେହାଲ ହୋଇ ସେଦିନ ସେଇ କୋଦାଳ ବେଣ୍ଟ ଉପରେ ବେହୋସ ହୋଇ ପଡ଼ିଗଲା। ଶଙ୍କରାପୁଅ ଶିରିଆ। ଶ୍ରୀଧର ରାଉତ ଆମେରିକୀୟ ଶୈଳୀରେ ଏଥର ବଖାଣିଲା "ବୁଝିଲୁରେ ଶିରିଆ! ଆମେରିକାରୁ ଆସୁଥିବା ଶସ୍ୟ, ପନିପରିବା ଦାନା କିମ୍ବା ଫଳର ମଞ୍ଜି ଲଗାଇଲେ ଗଜା ହେବ, ପତ୍ର ହେବ, ଡାଳ ହେବ, ହେଁ ହେଁ ଫାଙ୍କୁଲା ଫାଙ୍କୁଲା ଗଛ ବି ହେବ, ତୋ'ରି ପବଛଡ଼ା ପିଆଜ ଗଛମାନଙ୍କ ଭଳି; ହେଲେ ଫଳ ଫଳିବ ନାହିଁ। ତା'ମଞ୍ଜିରୁ ଫଳ ହେବା ଜିନିଷ ଟିକକ କୁଆଡ଼େ କାଢ଼ି ନିଆଯାଇଥାଏ। ଫଳ ଫଳେଇବାରେ ଇଚ୍ଛା ତ ମଞ୍ଜି ଆଣିବାକୁ ପଡ଼ିବ ସେଇମାନଙ୍କଠାରୁ ମାନେ ଆମେରିକାରୁ। ସେଥିରୁ ଥରୁଟିଏ ଫଳ ଫଳିବ। ଯେଉଁ ଫଳ ଫଳିବ ସେ ଫଳରେ ମଞ୍ଜି ରହିବ ସହତ; ହେଲେ ସେ ମଞ୍ଜିରୁ ଆଉ ଫଳ ଫଳିବ ନାହିଁ। ଯାହା ଫଳିବ ସେଇ ଥରୁଟିଏ। ତା'ପରେ ସବୁଯାକ ପୁରା ବାଞ୍ଝ। ଫଳରୁ ମଞ୍ଜି ଧରି ହେବ ନାହିଁ। ଖାଲି ଫଳ ଖାଇବା ପାଇଁ ତୁମେ ମଞ୍ଜି ଆଣି ଚାଷ କରିପାରିବ ଯାହା। ଆମ ସରକାର କୁଆଡ଼େ ଦେଶର ଫାଇଦା ପାଇଁ ସେମିତି ସର୍ତ୍ତରେ ରାଜି ହୋଇ ଚୁକ୍ତି ପତ୍ରରେ ଦସ୍ତଖତ କରି ଦେଇଛନ୍ତି। ସେ ସବୁ ଆମଦାନୀ କରି ଏଠି ବିକ୍ରି କରାଇବାର ବ୍ୟବସ୍ଥା ଖଞ୍ଜିଛନ୍ତି। ଆମେ ହଜାରେ କୋଡ଼ି କଚାଡ଼ି ଛଟପଟ ହେଲେ ଲାଭ?"

ଶ୍ରୀଧର ରାଉତର ଏତେ ସବୁ ପ୍ରବଚନ, ଭାଷଣ ଓ ପରାମର୍ଶ ଶିରିଆ ଉପରେ କି ପ୍ରକାର ପ୍ରଭାବ ପକେଇଲା କେଜାଣି; ସେଦିନ ସାଷ୍ଟମ ହେଲା ପରଠାରୁ ମୁଣ୍ଡରେ ଚୋଖା ପଗଡ଼ିଟିଏ ଭିଡ଼ି ଆମେରିକାର ତିକ୍ତ ମଧୁର ପ୍ରେମରେ ଆକ୍ରାନ୍ତ ଶିରିଆ, "ଶଳା ଆମେରିକା ଶ୍ୱଶୁରପୁଅ ଆମେରିକା, ଦଲାଲ ଆମେରିକା ଆଦି ଅନେକ ଏଇଭଳି ଶବ୍ଦ ବକି ବକି ବାଉଳା ହେଇ ବୁଲୁଛି ଯେ...ବୁଲୁଛି...

ସଞ୍ଜ ନଇଁ ଆସିଲେ ଆହାରପଦା ଛକ ହାଡ଼ିମାଆ ଚାହା ଦୋକାନରେ ଖଟିଖିଆ, ପାଠୁଆ, ଅପାଠୁଆ ଲୋକମାନେ ମେଳି କରନ୍ତି। ସେମାନେ ପରସ୍ପର ଭିତରେ କୁହାକୁହି ହେବାର ଶୁଣାଯାଏ- "ପାକିସ୍ଥାନର ଆମେରିକାକୁ ନେଇ ମଧୁଚନ୍ଦ୍ରିକା ରଚନାର ଅପହଞ୍ଚ ସ୍ୱପ୍ନଭଳି, ଆମ ଶଙ୍କରା ପୁଅ ଶିରିଆଟାକୁ କି ଆମେରିକା ପ୍ରେମରେ ହିଷ୍ଟିରିଆ ହୋଇଗଲା...।

*ଶୈଳଶ୍ରୀ ବିହାର,*
*ଭୁବନେଶ୍ୱର-୨୧*

# ନିଆରା ଛତା



ବର୍ଷା ହେଉ କି ଖରା ଛତାର ଆବଶ୍ୟକତା ପ୍ରାୟ ସବୁବେଳେ ରହିଥାଏ। ଖାସ୍ ସେଥିପାଇଁ ଏହାର ଅନେକ ଡିଜାଇନ ଆଉ ଭେରାଇଟି ଦେଖିବାକୁ ମିଳେ। କିନ୍ତୁ ଏଠାରେ ଯେଉଁ ଛତାଗୁଡ଼ିକ ସମ୍ପର୍କରେ କୁହାଯାଉଛି ତାହା ବର୍ଷା ଓ ଖରା ଦାଉରୁ ସୁରକ୍ଷା ଦେବ ସତ, କିନ୍ତୁ ନିଜର ଅଜବ ଡିଜାଇନ ପାଇଁ କାହାର ବି ଦୃଷ୍ଟି ଆକର୍ଷଣ କରିପାରିବ ...





*** ଗଗଲ୍ସ ଅମ୍ବ୍ରେଲା:** ଗଗଲ୍ସ ବା ଚଷମା। ଚଷମା ଡିଜାଇନ ଥିବା ଏହି ଛତାକୁ ଧରିଲେ ଅନେକ ସୁବିଧା ମିଳିଥାଏ। ଖରା ହେଉ କି ବର୍ଷାଦିନେ ଏହି ଛତା ଧରି ଯିବାବେଳେ ଏଥିରେ ଥିବା ଉକ୍ତ ଚଷମା ଡିଜାଇନକୁ ଆଖି ସାମ୍ନାରେ ରଖିଲେ ବାହାରର ଦୃଶ୍ୟକୁ ଆରାମରେ ଦେଖିହୁଏ। କାରଣ ଏହି ଚଷମାର ଡିଜାଇନ୍ ଟ୍ରାନ୍ସପରେଣ୍ଟ ହୋଇଥାଏ। ଫଳରେ ଆଉ ଛତାକୁ ଆଖି ଉପରକୁ ଟେକିବାକୁ ପଡ଼େ ନାହିଁ।

*** ଡୁଆଲ ଅମ୍ବ୍ରେଲା:** ଏହି ଛତାକୁ ଦେଖିଲେ ଲାଗିବ ସତେ ଯେମିତି ଦୁଇଟି ଛତା ଏକାଠି ଛନ୍ଦିହୋଇ ରହିଛି। କିନ୍ତୁ ପ୍ରକୃତରେ ତାହା ନୁହେଁ। ଏହାର ଡିଜାଇନ ହିଁ ସେମିତି ହୋଇଥାଏ। ଏହି ଡୁଆଲ ଅମ୍ବ୍ରେଲା ଯୋଗୁ ଲୋକଙ୍କୁ ବହୁତ ସାହାଯ୍ୟ ମିଳେ। ଏକକାଳୀନ ୨/୩ଜଣ ଲୋକ ବେଶ୍ ଆରାମରେ ଏହି ଛତାରେ ଯାଇପାରିବେ। ବିଶେଷକରି ଦମ୍ପତିଙ୍କ ପାଇଁ ଏହି ଛତା ନିଆରା ଆନନ୍ଦ ଦେଇଥାଏ।

*** ଫୁଲ ବଡି ଅମ୍ବ୍ରେଲା:** ବର୍ଷାଦିନେ ଏହି ଛତା ମୁଣ୍ଡ ସହ ସମ୍ପୂର୍ଣ୍ଣ ଶରୀରକୁ ଓଦା ହେବାରୁ ରକ୍ଷା କରିଥାଏ। କାରଣ ଏହି ଛତାର ଚାରିପଟେ ଏକ ଲମ୍ବା ଟ୍ରାନ୍ସପରେଣ୍ଟ ଜରି ଲାଗିଥାଏ; ଯାହା ବ୍ୟକ୍ତିଙ୍କର ପାଦ ପର୍ଯ୍ୟନ୍ତ ପଡ଼ିଥାଏ। ଫଳରେ ଏହା ମଧ୍ୟରେ ଆରାମରେ ଜଣେ ବ୍ୟକ୍ତି ନିଜକୁ ପୂରା ସୁରକ୍ଷିତ ରଖିପାରିବେ। ଏପରିକି ବର୍ଷା ହେଉଥିବା ସମୟରେ ଏହି ଛତା ଧରି ରାସ୍ତାରେ ଚାଲିଚାଲି ଗଲାବେଳେ ବି ପୋଷାକ ଓଦାହେବାର ଭୟ ନ ଥାଏ।

*** ହ୍ୟାଣ୍ଡ ଫ୍ରି ଅମ୍ବ୍ରେଲା:** ଏହି ଛତାର ଡିଜାଇନ୍ ଏମିତି ହୋଇଥାଏ ଯେ, ଏହାକୁ ହାତରେ ଧରିବାର ଆବଶ୍ୟକତା ପଡ଼ି ନ ଥାଏ। ବରଂ କାନ୍ଧରେ ଏହାକୁ ଗଳାଇ ଦୁଇ ହାତରେ ଜିନିଷପତ୍ର ଧରି ବର୍ଷା ହେଉ କି ଖରାରେ ଆରାମରେ ଯାଇହୁଏ।

*** ହ୍ୟାଟ୍ ଅମ୍ବ୍ରେଲା:** ଏହା ବି ଏକ ପ୍ରକାର ହ୍ୟାଣ୍ଡ ଫ୍ରି ଛତା। ଏହି ଛତାରେ ଏକ ସ୍ୱତନ୍ତ୍ର ଧରଣର ଫିତା ଲାଗିଥାଏ, ଯାହାକୁ ମୁଣ୍ଡରେ ଗଳାଇ ଦେଲେ ଛତା ମୁଣ୍ଡ ଉପରେ ସିଧା ହୋଇ ରହିଯାଏ। ଫଳରେ ମୁଣ୍ଡ ଉପରେ ବର୍ଷାପାଣି କି ସୂର୍ଯ୍ୟକିରଣ ପଡ଼ିପାରେ ନାହିଁ। କିନ୍ତୁ ଏହି ଛତାର ଆକାର ସେତେ ବଡ଼ ହୋଇ ନ ଥିବାରୁ ଏହା କେବଳ ମୁଣ୍ଡକୁ ସୁରକ୍ଷା ଦେଇପାରେ ହେଲେ ଶରୀରର ଅନ୍ୟ ଅଙ୍ଗକୁ ନୁହେଁ ।

*** ଫୋଲ୍ଡେବଲ୍ ରେନ୍‌କୋଟ୍ ଅମ୍ବ୍ରେଲା:** ଏହାର ଡିଜାଇନକୁ ଦେଖିଲେ ଛତା ଭଳି ଲାଗେ ନାହିଁ ବରଂ ଏକ ବଡ଼ ସାଇଜ୍ ୱାଟରପ୍ରୁଫ୍ ହ୍ୟାଟ୍ ପରି ଦେଖାଯାଏ। କିନ୍ତୁ ପ୍ରକୃତ ପକ୍ଷେ ଏହା ବି ହେଉଛି ଏକ ହ୍ୟାଣ୍ଡ ଫ୍ରି ଛତା। ବର୍ଷାଦାଉରୁ ଏହା ମୁଣ୍ଡକୁ ବେଶ୍ ସୁରକ୍ଷା ଦେଇଥାଏ। ରେନ୍‌କୋଟ୍ କପଡ଼ାରେ ତିଆରି ହୋଇଥିବା ଏହି ଛତାକୁ ଆରାମରେ ଫୋଲ୍ଡ ବି କରିହୁଏ। ବର୍ଷାଦିନେ କୁଆଡ଼େ ବୁଲିବାକୁ ଗଲାବେଳେ ମଧ୍ୟ ଏହାକୁ ବ୍ୟାଗରେ ଫୋଲ୍ଡକରି ସୁବିଧାରେ ସାଙ୍ଗରେ ନେଇହୁଏ।







## ବର୍ଷାଦିନେ ଘରେ ପୋକ ହେଉଥିଲେ...

ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ। ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ।

-ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ। ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ। ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ। ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ। ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ।

-କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ। ପୋକ ହେବେ ନାହିଁ।

-କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ। ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ।

-ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ।

-ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ। ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ। ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ।

# ସାଧବ ବୋହୂ



**କୀଟପତଙ୍ଗଙ୍କୁ ଅନେକେ ଡରନ୍ତି, ଘୃଣା ବି କରନ୍ତି। ହେଲେ ଇଏ ଏମିତି ଏକ କୀଟ, ଯାହାକୁ ଦେଖିବା ଓ ଟିକେ ଧରିବାକୁ ସମସ୍ତେ ଚାହାନ୍ତି। କାରଣ ଏହା ବହୁତ ସୁନ୍ଦର, ଲାଲ ଭେଲ୍‌ଭେଟ୍ ପରି ତା'ର ଶରୀର। ଆଖି ଲାଗିଗଲା ଭଳି ଏହି କୀଟକୁ ସମସ୍ତେ ଜାଣନ୍ତି ସାଧବ ବୋହୂ ଭାବରେ। ଏଥର ଜାଣିବା ଏଇ ଲାଲ ଟୁକ୍ ଟୁକ୍ କୀଟ ସମ୍ପର୍କରେ କିଛି..**

ବର୍ଷା ଋତୁ ପରେ ଶୀତ ଋତୁର ଆଗମନ ସମୟରେ ଯେବେ ଘାସ ଉପରେ କାକର ବୁନ୍ଦା ପଡ଼େ ସେତେବେଳେ ଦେଖା ଯାଆନ୍ତି ସାଧବ ବୋହୂ। ଭାରତର ବିଭିନ୍ନ ସ୍ଥାନରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଯେମିତିକି ରାଜସ୍ଥାନରେ ଏହା 'ବୁଢି ମାଈ', ଛତିଶଗଡ଼ରେ 'ରାନୀ କିଡା', ଉତ୍ତର ଭାରତର ଅନେକ ଭାଗରେ 'ଭଗବାନ କି ବୁଢିୟା', ଦକ୍ଷିଣ ଭାରତର ତେଲୁଗୁ ଭାଷାଭାଷୀମାନେ ଏହାକୁ 'ଅରୁଦ୍ର' ଓ ତାମିଲରେ 'ପଟ୍‌ଟୁ ପାପାତି' କହନ୍ତି। ହରିୟାଣାରେ ଏହାକୁ 'ତିଜ୍' କୁହନ୍ତି। ପ୍ରୟାଗ ରାଜ ଉତ୍ତର ପ୍ରଦେଶରେ ଏହା 'ଭଗବାନ' ନାମରେ ପରିଚିତ। କିଛି ସ୍ଥାନରେ ଏହା 'ବୀରବହୂଟି' ନାମରେ ବି ପରିଚିତ। ଉତ୍ତର ଆମେରିକାର କିଛି ସ୍ଥାନ ଖାସ୍ କରି ଦକ୍ଷିଣ ପଶ୍ଚିମ ଭାଗରେ ବି ଏହି କୀଟ ଦେଖା ଯାଆନ୍ତି। ଏଠାରେ ଏହା 'ରେନ୍ ବଗ୍' ନାମରେ ପରିଚିତ। ଏହାର ଆକାର ପ୍ରାୟ ୪ ମି.ମି. ହୋଇଥାଏ। ଏହି ସୁନ୍ଦର ପୋକଟିକୁ ଭାରତରେ ଔଷଧଭାବେ ମଧ୍ୟ ବ୍ୟବହାର କରାଯାଏ। ଏହାର କୁନି ଶରୀରରେ ମସୃଣ ଲାଲ ଲୋମ ଥାଏ, ଯାହାକି ଭେଲଭେଟ୍ ପରି ଲାଗେ। ଏହା ମଣିଷର କୌଣସି କ୍ଷତି କରି ନ ଥାଏ। ଅର୍ଥାତ୍ ଏହା କାମୁଡି ନ ଥାଏ। ତେବେ ତାଙ୍କ ଶରୀରରୁ ନିର୍ଗତ ହେଉଥିବା ଏକ ପ୍ରକାରର ତୈଳୀୟ ପଦାର୍ଥ ପାଇଁ କିଛିଟା ପୋଡ଼ିବା ପରି ଅନୁଭବ ହୋଇପାରେ। ଏହା ଉଈ, ଉଡ ଲାଇସ୍, ଛୋଟ ବୁଢିଆଣୀ ଖାଇଥାଏ। ଏହା ତା'ର ଓରାଲ ଟ୍ୟୁବ୍ ମାଧ୍ୟମରେ ଚିକିଟା ମାଟିକୁ ନିଜ ଶୀକାର ଉପରକୁ ଛାଟି ଶୀକାରକୁ କାବୁ କରିଥାଏ। ଏହି ସୁନ୍ଦର କୀଟଟି କିନ୍ତୁ ଏବେ ଆଉ ସେତେଟା ଦେଖିବାକୁ ମିଳୁ ନାହାନ୍ତି।







## ରେଡ଼ି ଟୁ କୁକ୍ ଚିକେନ୍




କୁକୁଡ଼ା ବିଭିନ୍ନ ରଙ୍ଗର ଓ ପ୍ରକାରର ଥାଆନ୍ତି। ତେବେ ଇସ୍ରାଇଲର ଜେନେଟିସିଷ୍ଟ ଓ ପଲଟ୍ରି ବ୍ରିଡିଂ ଏକ୍ସପର୍ଟ ଅଭିଗଦୋର କାହାନର୍ ତିଆରି କରିଛନ୍ତି ଏମିତି ଏକ କୁକୁଡା ଯାହାକୁ ଦେଖି ସମସ୍ତେ ଚକିତ ହୋଇ ଯାଉଛନ୍ତି। ଏହି କୁକୁଡ଼ା ବି ସାଧାରଣ କୁକୁଡ଼ା ପରି ହେଲେ ଏହାର ଆଦୌ ପର ନାହିଁ। ସେ ଏହାକୁ ବେୟାର ନେକ କୁକୁଡ଼ା ଓ ବ୍ରଏଲର୍ କୁକୁଡ଼ାର କ୍ରସ୍ ବ୍ରିଡିଂ କରାଇ ତିଆରି କରିଛନ୍ତି। କିଏ ଏହାକୁ 'ରେଡ଼ି ଟୁ ଇଟ୍ କୁକୁଡ଼ା' କହୁଛନ୍ତି ତ ଆଉ କିଏ କାହାନର୍‌ଙ୍କୁ ଏଭଳି କୁକୁଡ଼ା ତିଆରି ପାଇଁ ନିନ୍ଦା କରୁଛନ୍ତି। ତେବେ କାହାନର୍ କହନ୍ତି, ଏହି କୁକୁଡ଼ା ବହୁତ ଉପକାରୀ। କାରଣ ଏହା ଜଲ୍ଦି ବଢେ, ଏହାର ମାଂସରେ କମ୍ ଫ୍ୟାଟ୍ ରହେ, ଏହି କୁକୁଡା କମ୍ ଖାଆନ୍ତି ଓ ଗରମ ବାତାବରଣରେ ରହିପାରନ୍ତି। କିନ୍ତୁ ଏହି କୁକୁଡ଼ାର ଏଭଳି ଶରୀର ତା' ପାଇଁ ଅନେକ ସମସ୍ୟା ବି ଆଣୁଛି। ଯେମିତିକି ଏମାନେ ଥଣ୍ଡା ବାତାବରଣରେ ରହିପାରନ୍ତି ନାହିଁ। ମଶା, ମାଛି ଏବଂ ବିଭିନ୍ନ କୀଟାଣୁ ସହ ଲଢ଼ିବାର କ୍ଷମତା ଏହାର କମ୍। ପର ନ ଥିବା ଯୋଗୁ ସହବାସ ସମୟରେ ବି ଅସୁବିଧା ହୁଏ। ଏହି ଅଜବ କୁକୁଡ଼ାକୁ ସାଧାରଣ ଲୋକ ବି ସହଜରେ ଗ୍ରହଣ କରିପାରୁ ନାହାନ୍ତି।



## ମାନସିକ ଚାପ ହ୍ରାସକରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।







**ସିକ୍କିମ୍‌ର ନାମ୍‌ଚି ଜିଲ୍ଲା ଅନ୍ତର୍ଗତ ଏକ ଛୋଟ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ ହେଉଛି ରୱାଙ୍ଗଲା; ଯେଉଁଠାରେ ଦେଖିବା ପାଇଁ ରହିଛି ଘାଟି, ଝରଣା, ପୁରୁଣା ମଠ, ଚା' ବଗିଚା ତଥା ବନ୍ୟପ୍ରାଣୀ ଅଭୟାରଣ୍ୟ...**

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରୱାଙ୍ଗଲା

ରୱାଙ୍ଗଲା ହେଉଛି ଏକ ଛୋଟ ପର୍ଯ୍ୟଟନ ସହର; ଯାହାକି ସିକ୍କିମ୍‌ର ନାମ୍‌ଚି ଜିଲ୍ଲାରେ ଅବସ୍ଥିତ। ସମୁଦ୍ରପତ୍ତନରୁ ପ୍ରାୟ ୮୦୦୦ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନର ପ୍ରାକୃତିକ ପରିବେଶ କାହାକୁ ବି ଆନମନା କରିପାରେ। ତା'ସହିତ ପର୍ଯ୍ୟଟକଙ୍କ ଦେଖିବା ପାଇଁ ବି ଏଠାରେ ରହିଛି ଅନେକ ଆଖି ଲାଗିଗଲା ଭଳି ପର୍ଯ୍ୟଟନସ୍ଥଳୀ। ଖାସ୍ ସେଥିପାଇଁ ତ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ।







## କ'ଣ ଦେଖିବେ


* ରଲଙ୍ଗ ମଠ: ରୱାଙ୍ଗଲାଠାରୁ ମାତ୍ର ୬ କି.ମି ଦୂରରେ ରହିଛି ଏହି ବୌଦ୍ଧ ମଠଟି। ପ୍ରତିବର୍ଷ ଅଗଷ୍ଟରୁ ଡିସେମ୍ବର ଭିତରେ ଏହି ମଠର ବାର୍ଷିକ ଉତ୍ସବ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ; ଯେଉଁଥିରେ ସାମିଲ ହେବାକୁ ବିଭିନ୍ନ ସ୍ଥାନରୁ ବହୁ ବୌଦ୍ଧ ସନ୍ନ୍ୟାସୀ ତଥା ପର୍ଯ୍ୟଟକମାନେ ଆସିଥାନ୍ତି।

* ମାଇନାମ ବନ୍ୟପ୍ରାଣୀ ଅଭୟାରଣ୍ୟ: ରୱାଙ୍ଗଲାର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ରହିଛି ଅନେକ ଖ୍ୟାତି। ଏହି ଅଭୟାରଣ୍ୟରେ ବହୁ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ। କେବଳ ଏହି ଅଭୟାରଣ୍ୟ କାହିଁକି ରୱାଙ୍ଗଲାର ଆଖପାଖ ଅଞ୍ଚଳରେ ଥବା ଜଙ୍ଗଲିଆ ପରିବେଶରେ ବି ପର୍ଯ୍ୟଟକ ଅନେକ ପଶୁପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ।

* ପ୍ରାକୃତିକ ବନସ୍ପତି: ରୱାଙ୍ଗଲା ଯେହେତୁ ଏକ ପାର୍ବତ୍ୟାଞ୍ଚଳ, ତେଣୁ ଶୀତଦିନେ ଏଠାରେ ତୁଷାରପାତ ହେବାର ଲକ୍ଷ୍ୟ କରାଯାଇଥାଏ। ଆଉ ଠିକ୍ ଏପ୍ରିଲ୍, ମେ ମାସ ଆଡ଼କୁ ଏହି ସ୍ଥାନରେ ବିଭିନ୍ନ ପ୍ରକାରର ରଙ୍ଗିନ ଫୁଲ ଫୁଟିବା ଆରମ୍ଭ ହୋଇଯାଇଥାଏ; ଯାହାକି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦିଏ।

* ବୁଦ୍ଧ ପାର୍କ: ରୱାଙ୍ଗଲା ନିକଟରେ ଏକ ବଡ଼ ପାର୍କ ଥିବାର ଦେଖିବାକୁ ମିଳେ। ଆଉ ଏହି ପାର୍କ ମଧ୍ୟରେ ଏକ ବିରାଟ ବଡ଼ ବୁଦ୍ଧ ଦେବଙ୍କର ପ୍ରତିମାକୁ ସ୍ଥାପନା କରାଯାଇଥିବାରୁ ଏହା ବୁଦ୍ଧ ପାର୍କ ନାମରେ ବେଶ୍ ପରିଚିତି ହାସଲ କରିପାରିଛି।

କେବଳ ଏତିକି ସ୍ଥାନ ନୁହେଁ, ରୱାଙ୍ଗଲା ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବା ପାଇଁ ଆହୁରି ଅନେକ କିଛି ଦର୍ଶନୀୟ ସ୍ଥାନ ରହିଛି। ଯେମିତି କି ବୋନ ମଠ, ଡୋଲିଙ୍ଗ୍ ଗୋମ୍ପା, ସନ୍‌ରାଇଜ୍ ପଏଣ୍ଟ, ଟେମି ଟି ଗାର୍ଡେନ୍ ଇତ୍ୟାଦି ଅନ୍ୟତମ।



## ଟ୍ରେକିଂର ମଜା ନିଆରା

ଯେହେତୁ ଏହା ଏକ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ଆଖାପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ବେଶ୍ ଆରାମଦାୟକ ହୋଇଥାଏ।

## କ'ଣ କିଣିବେ

ସ୍ଥାନୀୟ ହସ୍ତଶିଳ୍ପ ତଥା ଉଲ୍ ବୁଣା ସାମଗ୍ରୀ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ମିଳିଥାଏ। ତା'ଛଡ଼ା ଯେହେତୁ ଏଠାରେ ଚା' ବଗିଚା ରହିଛି; ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରୁ ଭଲ ଦାମ୍‌ରେ ଭଲ କ୍ୱାଲିଟିର ଚା' ମଧ୍ୟ କିଣି ଆଣିପାରିବେ ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ଶୀତଦିନେ ଯେହେତୁ ଏଠାରେ ଟିକେ ଅଧିକ ଥଣ୍ଡା ହୁଏ, ତେଣୁ ସେ ସମୟରେ ଟିକେ କମ୍ ସଂଖ୍ୟାର ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ତେବେ ଅଗଷ୍ଟରୁ ଡିସେମ୍ବର ଭିତରେ ଯେହେତୁ ଅନେକ ଆଧ୍ୟାତ୍ମିକ ଉତ୍ସବ ଏଠାରେ ପାଳନ କରାଯାଇଥାଏ; ସେତେବେଳେ ପର୍ଯ୍ୟଟକଙ୍କର ବେଶ୍ ଗହଳି ଏଠାରେ ପରିଲକ୍ଷିତ ହୁଏ। ଅନ୍ୟପକ୍ଷେ ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଗ୍ୟାଙ୍ଗଟକ୍‌ରୁ ପ୍ରାୟ ୬୫ କି.ମି. ଏବଂ ପଶ୍ଚିମବଙ୍ଗର ସିଲିଗୁଡ଼ିଠାରୁ ପ୍ରାୟ ୧୨୦ କି.ମି ଦୂରରେ ଥିବା ରୱାଙ୍ଗଲାର ନିକଟତମ ମୁଖ୍ୟ ରେଳଷ୍ଟେଶନ ହେଉଛି ନ୍ୟୁ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେଶନ। ସେହିପରି ଏଠାକୁ ଯିବାପାଇଁ ସିଧାସଳଖ ବିମାନର ବ୍ୟବସ୍ଥା ନାହିଁ; ପଶ୍ଚିମବଙ୍ଗର ବାଗ୍‌ଡୋଗ୍ରା ଏୟାରପୋର୍ଟ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ହେଉ ଅଥବା ନିଜସ୍ୱ ଗାଡ଼ିମୋଟରରେ ମଧ୍ୟ ପର୍ଯ୍ୟଟକ ଚାହିଁଲେ ଏଠାକୁ ଯାଇପାରିବେ।

# ରାମଟେକ ମନ୍ଦିର

ଭାରତରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠିକୁ ପ୍ରତ୍ୟେକ ବର୍ଷ ଲୋକ ବୁଲିବାକୁ ଆସିଥାନ୍ତି। ହିଲ ଷ୍ଟେସନରୁ ଆରମ୍ଭ କରି ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ଭ୍ରମଣ କରିବା ଲାଗି ପ୍ରତି ବର୍ଷ ପର୍ଯ୍ୟଟକ ଆସିଥାନ୍ତି। ଲୋକେ ଏହି ସ୍ଥାନରେ ସମୟ ବିତାଇବା ସହିତ ଅନେକ ସ୍ମୃତି ନିଜ ସହିତ ଘରକୁ ନେଇ ଫେରିଥାନ୍ତି। ଭାରତରେ ଏଭଳି ଏକ ସ୍ଥାନ ହେଉଛି ରାମଟେକ ମନ୍ଦିର। ଏହି ମନ୍ଦିର ସମ୍ପର୍କରେ ବହୁତ କମ ଲୋକ ଜାଣନ୍ତି। ଚାଲନ୍ତୁ ଜାଣିବା ଏହି ମନ୍ଦିରର ବିଶେଷତ୍ୱ ସମ୍ପର୍କରେ।

ମହାରାଷ୍ଟ୍ରର ନାଗପୁରରୁ ପାଖାପାଖି ୪୦ କି.ମି ଦୂରରେ ଏହି ରାମଟେକ ମନ୍ଦିର ଅବସ୍ଥିତ। ଏହି ମନ୍ଦିରରେ ଭଗବାନ ରାମଙ୍କୁ ପୂଜା କରାଯାଏ। ରାମଚନ୍ଦ୍ର ଯେତେବେଳେ ବନବାସରେ ଥିଲେ, ଏହି ସ୍ଥାନରେ ମାତା ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ୪ ମାସ ରହିଥିଲେ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ ମାତା ସୀତା ଏଠାରେ ପ୍ରଥମେ ରୋଷେଇ ମଧ୍ୟ କରିଥିଲେ। ଏଠାରେ ଖାଦ୍ୟ ତିଆରି କରି ସ୍ଥାନୀୟ ଋଷିଙ୍କୁ ଭୋଜନ କରାଇଥିଲେ। ଏ ସମ୍ପର୍କରେ ପଦ୍ମ ପୁରାଣରେ ଉଲ୍ଲେଖ ରହିଛି। ଏକ ଛୋଟ ପାହାଡ଼ ଉପରେ ନିର୍ମିତ ଏହି ରାମଟେକ ମନ୍ଦିର ଗଡ଼ମନ୍ଦିର ଭାବେ ମଧ୍ୟ ଜଣାଶୁଣା। ଏହା ଦେଖିବାକୁ ଏକ ଦୁର୍ଗ ଭଳି ଦେଖାଯାଏ। ରାଜା ରଘୁ ଏହି ମନ୍ଦିରର ନିର୍ମାଣ ଏକ ଦୁର୍ଗ ଭଳି କରିଥିଲେ। ମନ୍ଦିର ପରିସରରେ ଏକ ପୁଷ୍କରିଣୀ ମଧ୍ୟ ରହିଛି। ଏହି ପାଣି କେବେ ବି କମ୍ କିମ୍ବା ଅଧିକ ହୋଇ ନ ଥାଏ ବୋଲି କୁହାଯାଏ। ରାମଟେକରେ ମହାକବି କାଳିଦାସ ମହାକାବ୍ୟ ମେଘଦୂତମ ଲେଖିଥିଲେ। ପ୍ରତ୍ୟେକ ବର୍ଷ ଏଠାକୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ସ୍ଥାନ ସେମାନଙ୍କୁ ଶାନ୍ତି ଦେଇଥାଏ।

ରାମଟେକରେ ଭଗବାନ ଶ୍ରୀରାମଙ୍କୁ ଅଗସ୍ତ୍ୟ ଋଷି ସାକ୍ଷାତ କରିଥିଲେ। ସେ ଭଗବାନ ରାମଙ୍କୁ ଶାସ୍ତ୍ରଜ୍ଞାନ ଓ ବ୍ରହ୍ମାସ୍ତ୍ର ଦେଇଥିଲେ। ରାବଣର ଅତ୍ୟାଚାର ସମ୍ପର୍କରେ ମଧ୍ୟ ଅଗସ୍ତ୍ୟ ଋଷି ଭଗବାନ ରାମଙ୍କୁ ଏହିଠାରେ କହିଥିଲେ। ଲୋକଙ୍କ ଆସ୍ଥା ସହିତ ଏହି ସ୍ଥାନ ଜଡ଼ିତ।

## ବିଶ୍ୱ ଆଥଲେଟିକ୍ସ ପରିଷଦର ନୂଆ ନିୟମ

# ଏଣିକି 'ଲିଙ୍ଗ ପରୀକ୍ଷା'ର ସମ୍ମୁଖୀନ ହେବେ ମହିଳା ଆଥ୍‌ଲେଟ୍



ମୋନାକୋ: ବିଶ୍ୱ ଆଥଲେଟିକ୍ସ ପରିଷଦ ପକ୍ଷରୁ ଏସ୍‌ଆର୍‌ୱାଇ ଜିନ୍ ପରୀକ୍ଷା ନିୟମ ଲାଗୁ କରାଯାଇଛି। ଏହାର ଅର୍ଥ ଏଣିକି ମହିଳା କ୍ରୀଡାବିତ୍‌ଙ୍କୁ ଏବେ ସେମାନଙ୍କ ଜୀବନରେ ଅନ୍ୟୁନ ଥରକ ପାଇ ଲିଙ୍ଗ ପରୀକ୍ଷା କରାଇବା ସହ ପ୍ରମାଣପତ୍ର ହାସଲ କରିବାକୁ ହେବ। ଏହି ପ୍ରମାଣପତ୍ର ହିଁ ସେମାନଙ୍କ ଖେଳ ଜୀବନକୁ ଆଗକୁ ବଢ଼ାଇବ। ଯେଉଁ ମହିଳା ଖେଳାଳିମାନେ ଏଭଳି ଏକ ପରୀକ୍ଷାରୁ ଦୂରେଇ ରହିବେ ବା ଏହାକୁ ବିରୋଧ କରିବେ, ସେମାନଙ୍କୁ ବିଶ୍ୱ ରାଙ୍କିଂ ପ୍ରତିଯୋଗିତାମୂଳକ କ୍ରୀଡାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ନାହିଁ। ଲିଙ୍ଗ ପରିବର୍ତ୍ତନ କରି ମହିଳା କ୍ରୀଡାବିତ୍ ଭାବେ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କୁ ରୋକିବା ଉଦ୍ଦେଶ୍ୟରେ ମହିଳା କ୍ରୀଡାବିତ୍‌ଙ୍କ ପାଇଁ ଏପ୍ରକାର ଏକ କଡା ଆଇନ୍ ଲାଗୁ କରାଯାଉଥିବା ବିଶ୍ୱ ଆଥ୍‌ଲେଟିକ୍ସ ପରିଷଦ ସ୍ପଷ୍ଟ କରିଛି।

ବିଶ୍ୱ ଆଥ୍‌ଲେଟିକ୍ସ ପରିଷଦ କହିଛି, ଏହି ନିୟମ ୧ ସେପ୍ଟେମ୍ବର ୨୦୨୫ ରୁ କାର୍ଯ୍ୟକାରୀ ହେବ। ଏହି ପରୀକ୍ଷାରେ ପାସ୍ ନକରି ମହିଳା ଖେଳାଳିମାନେ ୧୩ ସେପ୍ଟେମ୍ବରରୁ ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଏହା ଏକ ପ୍ରକାର ଟେଷ୍ଟ ଯେଉଁଥିରେ ମହିଳା ଖେଳାଳିମାନଙ୍କୁ ଡାକ୍ତରୀ ପ୍ରମାଣ ଆଧାରରେ ନିଜ ଲିଙ୍ଗଗତ ସୂଚନା ଦାଖଲ କରିବାକୁ ପଡ଼ିବ। ବିଶ୍ୱ ଆଥଲେଟିକ୍ସ ପରିଷଦ ଦର୍ଶାଇଛି ଯେ, ଏହି ପରୀକ୍ଷାକୁ ନେଇ ମହିଳା ଖେଳାଳିମାନେ ଆଦୌ ଚିନ୍ତିତ ହେବା କିମ୍ବା ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏହି ପରୀକ୍ଷା ସେମାନଙ୍କୁ ଜୀବନରେ କେବଳ ଥରେମାତ୍ର କରିବାକୁ ପଡିବ। ଗାଲରୁ ଏକ ସ୍ୱାବ୍ କିମ୍ବା ରକ୍ତ ନମୁନା ମାଧ୍ୟମରେ ଏହି ପରୀକ୍ଷା କରାଯିବ, ଯାହା ଖେଳାଳିଙ୍କ ଲିଙ୍ଗ ଚିହ୍ନଟ କରିବ। ଏହି ପରୀକ୍ଷାରେ ମହିଳା ଆଥ୍‌ଲେଟ୍‌ଙ୍କ ଠାରେ 'ୱାଇ'ବର୍ଗର କ୍ରୋମୋଜୋମ୍ ନଥିବା ସୁନିଶ୍ଚିତ କରାଯିବ।

ବିଶ୍ୱ ଆଥଲେଟିକ୍ସ ସଭାପତି ସେବାଷ୍ଟିଆନ କୋଏ କହିଛନ୍ତି, ମହିଳା କ୍ରୀଡାର ମର୍ଯ୍ୟାଦା ଏବଂ ନିରପେକ୍ଷତାକୁ ସୁରକ୍ଷା ଦେବା ଆମର ଲକ୍ଷ୍ୟ। ଆମେ ବିଶ୍ୱାସ କରୁଛୁ ଯେ ଯଦି ଜଣେ ମହିଳା କ୍ରୀଡାକୁ ଆସନ୍ତି, ତେବେ ସେ ନିଶ୍ଚିତ ହେବା ଉଚିତ୍ ଯେ କୌଣସି ଜୈବିକ ପ୍ରତିବନ୍ଧକ ନାହିଁ। ଜୈବିକ ଲିଙ୍ଗ ନିଶ୍ଚିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମହିଳା ବର୍ଗରେ ପ୍ରତିଯୋଗିତା କରିବାକୁ ଆପଣଙ୍କୁ ଜୈବିକ ଭାବରେ ଜଣେ ମହିଳା ହେବାକୁ ପଡିବ। ଏହା ସର୍ବଦା ସ୍ପଷ୍ଟ ହୋଇଆସିଛି ଯେ ଲିଙ୍ଗ ପରିଚୟ ଜୈବିକ ଲିଙ୍ଗଠାରୁ ଉପରେ ହୋଇପାରିବ ନାହିଁ।

ପ୍ରକାଶ, ଜେଣ୍ଡର ଟେଷ୍ଟକୁ ନେଇ ପୂର୍ବରୁ ଅନେକ ବିବାଦ ସୃଷ୍ଟି ହୋଇସାରିଛି। ଦକ୍ଷିଣ ଆଫ୍ରିକାର ମହିଳା ଆଥ୍‌ଲେଟ୍ କାଷ୍ଟର ସେମେନ୍ୟାଙ୍କ ଲିଙ୍ଗକୁ ନେଇ ଅନେକ ଅଭିଯୋଗ ଆସିବା ପରେ ତାଙ୍କୁ ଆଇଏଏଏଫ୍ ଜେଣ୍ଡର (ଲିଙ୍ଗ) ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥିଲା। କିନ୍ତୁ ଏହି ପରୀକ୍ଷାରେ ସେ ବିଫଳ ହେବା ପରେ ଆଇଏଏଏଫ୍ ତାଙ୍କୁ ଆଜୀବନ ବ୍ୟାନ୍ କରିଥିଲା। ଏହି ଘଟଣା ସେତେବେଳେ ଚର୍ଚ୍ଚାରେ ରହିଥିଲା। ସେହିପରି ୨୦୧୪ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବାର ଠିକ୍ କିଛି ଦିନ ପୂର୍ବରୁ ଭାରତୀୟ ମହିଳା ଧାବିକା ଦୂତି ଚାନ୍ଦ୍‌ଙ୍କୁ ମଧ୍ୟ ଆଥ୍‌ଲେଟିକ୍ସ ଫେଡେରେସନ୍ ଲିଙ୍ଗ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥିଲା। ତାଙ୍କ ଠାରେ ପୁରୁଷସୁଲଭ ଗୁଣ ଦେଖିବା ପରେ ତାଙ୍କ ଲିଙ୍ଗକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ଦୂତି ମଧ୍ୟ ଏହି ପରୀକ୍ଷାରେ ବିଫଳ ହୋଇଥିଲେ। ଫଳରେ ଆଥଲେଟିକ୍ସ ଫେଡେରେସନ୍ ତାଙ୍କୁ ବ୍ୟାନ୍ ଘୋଷଣା କରିଥିଲା।

## ଆଇସିସି ଯୋଗ୍ୟତା ପ୍ରଣାଳୀ ବାଧକ, ଅଲିମ୍ପିକ୍‌ରୁ ବାଦ୍ ପଡ଼ିପାରେ ପାକିସ୍ତାନ

ନୂଆଦିଲ୍ଲୀ: ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସରୁ ପୂର୍ବତନ ଟି-୨୦ ବିଶ୍ୱ ଚାମ୍ପିଅନ୍ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ପୁରୁଷ ଟିମ୍ ବାହାର ହୋଇପାରନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଅଲିମ୍ପିକ୍ ଯୋଗ୍ୟତା ପାଇଁ ନିର୍ଦ୍ଧାରିତ କ୍ଷେତ୍ରୀୟ ଯୋଗ୍ୟତା ପ୍ରଣାଳୀ ଏହାର ମୁଖ୍ୟ କାରଣ। ୧୨୮ ପରେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ କ୍ରିକେଟ୍‌ରେ ପ୍ରତ୍ୟାବର୍ତ୍ତନ ଘଟିବାକୁ ଯାଉଛି। ଏଥିରେ ୬ଟି ଲେଖାଏଁ ପୁରୁଷ ଓ ମହିଳା ଟିମ୍ ଟି-୨୦ ଫର୍ମାଟ୍‌ରେ ଭାଗନେବେ। ବ୍ରିଟିଶ୍ ଖବରକାଗଜ ଦ ଗାର୍ଡିଆନ୍ ରିପୋର୍ଟ ଅନୁସାରେ ଆଇସିସି ଅଲିମ୍ପିକ୍ ପାଇଁ କ୍ଷେତ୍ରୀୟ ଯୋଗ୍ୟତା ପ୍ରଣାଳୀ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଏହା ଅନୁସାରେ ଏସିଆ, ଓସେନିଆ, ୟୁରୋପ ଏବଂ ଆଫ୍ରିକାର ଶୀର୍ଷ ର୍‍ୟାଙ୍କ୍‌ର ଟିମ୍ ଯୋଗ୍ୟତା ଅର୍ଜନ କରିବେ। ଆୟୋଜକ ଦେଶ ହିସାବରେ ଆମେରିକାକୁ (ଆମେରିକୀୟ କ୍ଷେତ୍ରର ପ୍ରତିନିଧି) ସିଧା ପ୍ରବେଶ ମିଳିବ। ଏହି ପ୍ରଣାଳୀରେ ୱେଷ୍ଟଇଣ୍ଡିଜ୍ ଟିମ୍ ମଧ୍ୟ ପ୍ରଭାବିତ ହୋଇପାରନ୍ତି। କାରଣ କ୍ୟାରିବିୟାନ୍ ଦେଶଗୁଡ଼ିକୁ ଆମେରିକାର ସହିତ ଗୋଟିଏ କ୍ଷେତ୍ରରେ ରଖାଯାଇଛି। ବର୍ତ୍ତମାନ ଟି-୨୦ ର୍‍ୟାଙ୍କିଙ୍ଗ୍ ଆଧାରରେ ଭାରତ (ଏସିଆ), ଅଷ୍ଟ୍ରେଲିଆ (ଓସେନିଆ), ଗ୍ରେଟ୍ ବ୍ରିଟେନ୍ (ୟୁରୋପ) ଏବଂ ସାଉଥ୍ ଆଫ୍ରିକା (ଆଫ୍ରିକା) କ୍ୱାଲିଫାଏ କରିବେ। ଆମେରିକା ଆୟୋଜକ ରୂପେ ଅଂଶଗ୍ରହଣ କରିବ। ଯଦିଓ ନ୍ୟୁଜିଲାଣ୍ଡ ବର୍ତ୍ତମାନ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି, ତେବେ ଓସେନିଆ କ୍ଷେତ୍ରରୁ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ସାମ୍ନାରେ କ୍ୱାଲିଫାଏ କରିବାର ସୁଯୋଗ ମିଳିବ ନାହିଁ। ଏହି ପ୍ରକାରେ ପାକିସ୍ତାନ (ଅଷ୍ଟମ) ଓ ଶ୍ରୀଲଙ୍କା (ସପ୍ତମ) ଟିମ୍‌ଙ୍କୁ ମଧ୍ୟ ଭାରତ ସାମ୍ନାରେ ସ୍ଥାନ ମିଳିବ ନାହିଁ।

# ଦିବ୍ୟା ଦେଶମୁଖ ବିଶ୍ୱ ଚେସ୍ ଚାମ୍ପିଅନ୍



ନୂଆଦିଲ୍ଲୀ: ଭାରତୀୟ ଚେସ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଫିଡେ ମହିଳା ବିଶ୍ୱକପ୍ ୨୦୨୫ ଟାଇଟଲ୍ ନିଜ ନାମରେ କରିଛନ୍ତି। ସେ ବିଶ୍ୱର ଅନ୍ୟତମ ଶୀର୍ଷ ମହିଳା ଚେସ୍ ଖେଳାଳି କୋନେରୁ ହମ୍ପିଙ୍କୁ ହରାଇ ଏହି ଉପଲବ୍ଧି ହାସଲ କରିଛନ୍ତି। ଫାଇନାଲ୍‌ରେ ଦୁଇ ଭାରତୀୟଙ୍କ ମଧ୍ୟରେ କଡ଼ା ଟକ୍କର୍ ଦେଖିବାକୁ ମିଳିଥିଲା। ଦୁଇ କ୍ଲାସିକାଲ୍ ଗେମ୍ସ ଡ୍ର' ରହିବା ପରେ ଟାଇବ୍ରେକର୍‌ରେ ବିଜେତାଙ୍କ ନିଷ୍ପତ୍ତି ହୋଇଥିଲା। ହମ୍ପିଙ୍କୁ ହରାଇ ଦିବ୍ୟା କେବଳ ଟାଇଟଲ୍ ଜିତିନାହାନ୍ତି, ବରଂ ଏକ ନୂଆ ଇତିହାସ ମଧ୍ୟ ରଚିଛନ୍ତି। ଚେସ୍ ବିଶ୍ୱକପ୍ ଟାଇଟଲ୍ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ହୋଇଛନ୍ତି।

ଏହି ଆକର୍ଷଣୀୟ ବିଜୟ ସହିତ ଦିବ୍ୟା ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର୍ ମଧ୍ୟ ହୋଇଛନ୍ତି। ଗ୍ରାଣ୍ଡମାଷ୍ଟର ଉପାଧି ଚେସ୍ ଦୁନିଆରେ ସବୁଠୁ ପ୍ରତିଷ୍ଠିତ ସମ୍ମାନ ହୋଇଥିବା ବେଳେ ଏହା ହାସଲ କରିବା କୌଣସି ଖେଳାଳିଙ୍କ କ୍ୟାରିୟର୍‌ର ସବୁଠୁ ବଡ଼ ଉପଲବ୍ଧି ମଧ୍ୟରୁ ଅନ୍ୟତମ। ଏହି ବିଜୟ ପରେ ଦିବ୍ୟାଙ୍କୁ ପୁରସ୍କାର ରୂପେ ପ୍ରାୟ ୪୩ ଲକ୍ଷ ଟଙ୍କା ଏବଂ ହମ୍ପିଙ୍କୁ ପ୍ରାୟ ୩୦ ଲକ୍ଷ ଟଙ୍କା ମିଳିବ। ଦିବ୍ୟା ଦେଶମୁଖ ଟୁର୍ଣ୍ଣାମେଣ୍ଟରେ କେତକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେ ଦ୍ୱିତୀୟ ସିଡ୍ ଚୀନ୍‌ର ଜିନେଶ ଝୁ'ଙ୍କୁ ହରାଇବା ପରେ ଭାରତର ଡି. ହରିକାଙ୍କୁ ମାତ୍ ଦେଇ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେମିଫାଇନାଲ୍ ପୂର୍ବ ଚାମ୍ପିଅନ୍ ଟାନ୍ ଝୋଙ୍ଗ୍‌ୟୀଙ୍କୁ ହରାଇ ଫାଇନାଲ୍ ଖେଳିଥିଲେ। ଏହି ବିଜୟ କେବଳ ଦିବ୍ୟାଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଭାରତୀୟ ମହିଳା ଚେସ୍ ଏବଂ ବିଶ୍ୱ ମଞ୍ଚରେ ନୂଆ ଉଚ୍ଚତାରେ ପହଞ୍ଚିଥିବା ଦର୍ଶାଉଛି। ଫାଇନାଲ୍ ଏପରି ଏକ ମୁକାବିଲା ଥିଲା, ଯେଉଁଥିରେ ଅନୁଭବ ଏବଂ ଯୁବାବସ୍ଥା, ସାହସ ଏବଂ ରଣନୀତି ସାମ୍ନାସାମ୍ନି ଥିଲେ। ନାଗପୁରରୁ ଏହି ଖେଳାଳି ଶନିବାର ଏବଂ ରବିବାର ଅନୁଷ୍ଠିତ ଦୁଇଟି କ୍ଲାସିକାଲ୍ ମ୍ୟାଚ୍ ଡ୍ର' ହେବାପରେ ଟାଇବ୍ରେକର୍‌ରେ ବିଜୟ ହାସଲ କରିଥିଲେ। ସୋମବାର ସମୟ ନିୟନ୍ତ୍ରିତ ଟାଇବ୍ରେକର୍‌ର ପ୍ରଥମ ଗେମ୍ ଧଳା ଗୋଟିରେ ଖେଳି ବିଦ୍ୟା ପୁଣିଥରେ ହମ୍ପିଙ୍କୁ ଡ୍ର'ରେ ରୋକିଥିଲେ। କିନ୍ତୁ ଦ୍ୱିତୀୟ ଗେମ୍‌ରେ କଳା ଗୋଟିରେ ଖେଳାଳି ସେ ଦୁଇଥରର ବିଶ୍ୱ ର୍‍ୟାପିଡ୍ ଚେସ୍ ଚାମ୍ପିଅନ୍‌ଙ୍କୁ ୨.୫-୧.୫ରେ ହରାଇ ଟାଇଟଲ୍ ହାସଲ କରିଥିଲେ। ବିଶ୍ୱ ଚାମ୍ପିଅନ୍ ହେବା ସହିତ ଦିବ୍ୟା ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର୍ ମଧ୍ୟ ହୋଇଛନ୍ତି। ଗ୍ରାଣ୍ଡମାଷ୍ଟ୍ ହେବାପାଇଁ ସାଧାରଣତଃ ତିନିଟି ଗ୍ରାଣ୍ଡମାଷ୍ଟର୍ ନର୍ମ ଏବଂ ୨୫୦୦+ ଫିଡେ ରେଟିଂର ଆବଶ୍ୟକତା ଥାଏ। ମାତ୍ର କେତେକ ବିଶେଷ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଜିତିବା ପରେ ଖେଳାଳିଙ୍କୁ ସିଧା ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ମଧ୍ୟ ପ୍ରଦାନ କରାଯାଇଥାଏ। ଏହା ମଧ୍ୟରେ ଫିଡେ ମହିଳା ବିଶ୍ୱକପ୍ ଅନ୍ୟତମ। ଦିବ୍ୟାଙ୍କ ପୂର୍ବରୁ ଭାରତର ତିନିଜଣ ମହିଳା ଚେସ୍ ଖେଳାଳି କୋନେରୁ ହମ୍ପି, ହରିକା ଦ୍ରୋଣାଭଲ୍ଲୀ ଏବଂ ଆର୍. ବୈଶାଳୀଙ୍କୁ ଗ୍ରାଣ୍ଡସ୍ଲାମ୍ ଉପାଧି ମିଳିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଭାରତର ଡି. ଗୁକେଶ ପୁରୁଷ ବର୍ଗରେ ଚେସ୍ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ।

## ଡିସେମ୍ବରରେ ଭାରତ ଆସିବେ ମେସି

ମୁମ୍ବାଇ: ଆର୍ଜେଣ୍ଟିନାର ଷ୍ଟାର୍ ଫୁଟ୍‌ବଲର୍ ଲିଓନେଲ୍ ମେସି ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବେ। ମେସି ୧୪ ବର୍ଷର ଲମ୍ବା ଅବଧି ପରେ ଭାରତ ଆସୁଛନ୍ତି। ସେ ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ। ଏହି ଅବସରରେ ସେ ତିନିଟି ସହର କୋଲ୍‌କାତା, ଦିଲ୍ଲୀ ଓ ମୁମ୍ବାଇ ଗସ୍ତ କରିବେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଡିସେମ୍ବର ୧୪ରେ ଆୟୋଜିତ ଏକ ଇଭେଣ୍ଟରେ ସାମିଲ ହେବେ। ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ)ର ସୂତ୍ର ଅନୁସାରେ କେତେକ କ୍ରିକେଟର୍ ମଧ୍ୟ ଏହି ଇଭେଣ୍ଟରେ ଯୋଗଦେବେ। ଏହା ବ୍ୟତୀତ ମେସି କୋଲ୍‌କାତା ମଧ୍ୟ ଯିବେ ଏବଂ ଇଡେନ୍ ଗାର୍ଡେନ୍ସରେ ତାଙ୍କୁ ସମ୍ମାନିତ କରାଯିବ। ଏହି ଇଭେଣ୍ଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କୋଲ୍‌କାତାରେ ସେ ପିଲାଙ୍କ ପାଇଁ ଏକ ଫୁଟ୍‌ବଲ୍ ୱାର୍କଶପ୍‌ର ମଧ୍ୟ ଆୟୋଜନ କରିବେ ଏବଂ ଏହା ସହିତ ସେ ଫୁଟ୍‌ବଲ୍ କ୍ଲିନିକ୍ ମଧ୍ୟ ଲଞ୍ଚ୍ କରିବେ। ଏହା ପୂର୍ବରୁ ଜୁନ୍ ୬ ତାରିଖରେ କେରଳ କ୍ରୀଡ଼ା ମନ୍ତ୍ରୀ ଭି. ଅବ୍‌ଦୁରରହିମନ୍ କହିଥିଲେ ଯେ ଆର୍ଜେଣ୍ଟିନା ଫୁଟ୍‌ବଲ୍ ଟିମ୍ କ୍ୟାପଟେନ୍ ମେସି ଅକ୍ଟୋବର କିମ୍ବା ନଭେମ୍ବରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ କେରଳ ଆସିବେ। ଏହି ମ୍ୟାଚ୍ ତିରୁଅନନ୍ତପୁରମ୍‌ର ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଏ ନେଇ କେରଳ ସରକାରଙ୍କ ସହ ଆଲୋଚନା ହୋଇସାରିଛି। ମେସିଙ୍କ ସହିତ ଆର୍ଜେଣ୍ଟିନା ଫୁଟ୍‌ବଲ୍ ଟିମ୍ ୨୦୧୧ରେ ଭେନେଜୁଏଲା ବିପକ୍ଷରେ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ପାଇଁ ଭାରତ ଆସିଥିଲେ। ଏହି ମ୍ୟାଚ୍ ସେପ୍ଟେମ୍ବର ୨ ତାରିଖରେ କୋଲ୍‌କାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ମେସିଙ୍କ ଆସିଷ୍ଟରେ ନିକୋଲାସ୍ ଓଟାମେଣ୍ଡି ମ୍ୟାଚ୍‌ର ଦ୍ୱିତୀୟ ହାଫ୍‌ରେ ହେଡର୍ ଜରିଆରେ ଏକ ଗୋଲ୍ କରି ଆର୍ଜେଣ୍ଟିନାକୁ ୧-୦ରେ ବିଜୟ ଦେଇଥିଲେ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**